بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସମ୍ପାଦକ:
କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
ବଦର୍
Weekly BADAR Qadian
କାଦିଆନ
Odia

ସଂଖ୍ୟା: 8-9
ବାର୍ଷିକ ଦେୟ : 600/-

01-08 ରମଜାନ୍, 1447 ହି.କ, 19-26 ତବଲିଗ୍ 1405 ହି.ଶ, 19 -26 February 2026 ମସିହା
www.akhbarbadr.in

### ଅଲାଃତାଲାଙ୍କ ବାଣୀ

وَمِنَ النَّاسِ وَالدَّوَآبِّ وَالۡاَنۡعَامِ مُخۡتَلِفٌ اَلۡوَانُہٗ کَذٰلِکَ ؕ اِنَّمَا یَخۡشَی اللّٰہَ مِنۡ عِبَادِہِ الۡعُلَمٰٓؤُا ؕ اِنَّ اللّٰہَ عَزِیۡزٌ غَفُوۡرٌ

(ଅଲ୍ ଫାତିର୍: 29)

**ଅନୁବାଦ:** ଏବଂ ସେହିପରି ମନୁଷ୍ୟ, ଚତୁଷ୍ପଦ ପ୍ରାଣୀ ଓ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ମଧ୍ୟରୁ କେତେକ ପ୍ରାଣୀ ଏପରି ଥାଆନ୍ତି ଯେ, ସେମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କ ରଙ୍ଗ ପରସ୍ପର ଠାରୁ ଭିନ୍ନ ଥାଏ ଓ ବାସ୍ତବତା ମଧ୍ୟ ଏହିପରି ଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନୀ ଅଟନ୍ତି କେବଳ ସେହିମାନେ ତାହାଙ୍କୁ ଭୟ କରିଥାଆନ୍ତି । ଅଲ୍ଲାଃ ପରାକ୍ରମୀ ଓ ଅତ୍ୟନ୍ତ କ୍ଷମାଶୀଳ ।

### ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ!**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତା ଜ୍ଞାନ ଦ୍ୱାରା ସୃଷ୍ଟି ହୋଇଥାଏ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତା ଜ୍ଞାନ ଦ୍ୱାରା ସୃଷ୍ଟି ହୋଇଥାଏ । ଯେପରିକି ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:" اِنَّمَا یَخۡشَی اللّٰہَ مِنۡ عِبَادِہِ الۡعُلَمٰٓؤُا **(ଅଲ୍ ଫାତିର୍: 29)** ବାସ୍ତବରେ ଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନୀ ଅଟନ୍ତି କେବଳ ସେହିମାନେ ହିଁ ତାହାଙ୍କୁ (ଅଲ୍ଲାଃତାଲାଙ୍କୁ) ଭୟ କରିଥାଆନ୍ତି। ତହିଁରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ, ପ୍ରକୃତ ଜ୍ଞାନ خَشۡیَۃُ اللّٰہ କୁ ସୃଷ୍ଟି କରିଥାଏ । ଅଲ୍ଲାଃତାଲା ଜ୍ଞାନକୁ ଧର୍ମପରାୟଣତା ସହିତ ସଂଶ୍ଲୀଷ୍ଟ (ତୁଳନା) କରିଛନ୍ତି । ଅର୍ଥାତ୍ ଯେକେହି ପୂର୍ଣ୍ଣ ରୂପେ ଜ୍ଞାନୀ ହୋଇଥିବା ସେହି ବ୍ୟକ୍ତି ମଧ୍ୟରେ ହିଁ କେବଳ ଈଶ୍ୱରଭୀରୁତା ସୃଷ୍ଟି ହେବ । ଈଶ୍ୱର କହିଲେ, ଜ୍ଞାନରୁ ଯଥାର୍ଥ ମୋ ମତରେ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନକୁ ହିଁ ବୁଝାଏ । ଜ୍ଞାନରୁ ଯଥାର୍ଥ ଦର୍ଶନଶାସ୍ତ୍ର, ବିଜ୍ଞାନ କିମ୍ବା ପ୍ରଚଳିତ ଜ୍ଞାନ ଯଥାର୍ଥ ନୁହେଁ। କାରଣ ସେହି ଜ୍ଞାନକୁ ପ୍ରାପ୍ତ କରିବା ନିମନ୍ତେ ଧର୍ମପରାୟଣତା ଏବଂ ପୁଣ୍ୟର ସର୍ତ୍ତ ନୁହେଁ । ବରଂ ଯେପରି ପାପୀ ଏବଂ ଦୁରାଚାରୀ ବ୍ୟକ୍ତି ସେହି ସାଂସାରିକ ଜ୍ଞାନକୁ ଶିଖିବାକୁ ସକ୍ଷମ ଅଟେ ଠିକ୍ ସେହିପରି ଜଣେ ଧାର୍ମିକ ବ୍ୟକ୍ତି ବି ଉପରୋକ୍ତରେ ବର୍ଣ୍ଣିତ ସାଂସାରିକ ଜ୍ଞାନକୁ ଆହରଣ କରିପାରିବ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ ଧର୍ମପରାୟଣ ଏବଂ ଧାର୍ମିକ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ପ୍ରାପ୍ତ କରି ପାରିବ ନାହିଁ । ଏହି ଜ୍ଞାନ ଧର୍ମପରାୟଣ ଓ ଧାର୍ମିକ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରଦାନ କରାଯାଏ ନାହିଁ । ଅତଏବ୍ ଏଠାର ଜ୍ଞାନରୁ ଯଥାର୍ଥ ପବିତ୍ର କୁରଆନ୍ କରୀମ୍‌ର ହିଁ ଜ୍ଞାନ ଯଥାର୍ଥ ଅଟେ । ତେଣୁ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତା ଦ୍ୱାରା ହିଁ ସୃଷ୍ଟି ହୋଇଥାଏ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-599, ସଂସ୍କରଣ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ: "ବିଦ୍ୱାନ୍ ଏବଂ ଜ୍ଞାନୀର ଶବ୍ଦରୁ ଭ୍ରମ ଯେପରି ନଲାଗୁ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଡରିଥାଏ ସେହି ବ୍ୟକ୍ତିକୁ ହିଁ ବିଦ୍ୱାନ୍ ଓ ଜ୍ଞାନୀ କୁହାଯାଏ । ଅତଏବ୍ اِنَّمَا یَخۡشَی اللّٰہَ مِنۡ عِبَادِہِ الۡعُلَمٰٓؤُا ؕ اِنَّ اللّٰہَ عَزِیۡزٌ غَفُوۡرٌ **(ଅଲ୍ ଫାତିର୍: 29)** ଅର୍ଥାତ୍ ବାସ୍ତବରେ ଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନୀ ଅଟନ୍ତି କେବଳ ସେହିମାନେ ହିଁ ତାହାଙ୍କୁ (ଅଲ୍ଲାଃତାଲାଙ୍କୁ) ଭୟ କରିଥାଆନ୍ତି । ସେହି ଭକ୍ତିମାନଙ୍କ ମଧ୍ୟରେ ଈଶ୍ୱଭୀରୁତା ଏବଂ ପୂର୍ଣ୍ଣ ଭାକ୍ତିକତା ଏତେମାତ୍ରାରେ ସୃଷ୍ଟି ହୁଏ ଯେ, ସେମାନେ ସ୍ୱୟଂ ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ଓ ଅଧ୍ୟାତ୍ମ ପ୍ରସଙ୍ଗ ଶିକ୍ଷା କରିଥାଆନ୍ତି। ସେହି ଭକ୍ତମାନେ ତାହାଙ୍କ (ପ୍ରଭୁଙ୍କ) ଠାରୁ ହିଁ କଲ୍ୟାଣ ପ୍ରାପ୍ତ କରିଥାଆନ୍ତି ଏବଂ ଆଁହଜରତ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତ୍ୱ ତଥା ଆପଣ ସ.ଅଙ୍କ ପ୍ରତି ଥିବା ପୂର୍ଣ୍ଣ ପ୍ରେମ ଓ ଆନ୍ତରୀକତା ଦ୍ୱାରା ହିଁ ସେହି ଭକ୍ତମାନେ ଉଚ୍ଚମର୍ଯ୍ୟାଦା ଓ ସ୍ତର ପ୍ରାପ୍ତ କରିଥାଆନ୍ତି ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-433-434, ସଂସ୍କରଣ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

☆--☆--☆

## ଆଁହଜରତ୍ ସ.ଅଙ୍କ ବାଣୀ

### ପୁଣ୍ୟ କରିବା ସହିତ ଈଶ୍ୱରଙ୍କୁ ମଧ୍ୟ ଡରିବା ଉଚିତ୍:

☆ عَنۡ عَائِشَۃَ رَضِیَ اللّٰہُ عَنۡہَا أَنَّہَا قَالَتۡ یَا رَسُولَ اللّٰہِ فِی ہَذِہِ الۡآیَۃِ الَّذِینَ یُؤۡتُونَ مَا آتَوۡا وَقُلُوبُہُمۡ وَجِلَۃٌ أَنَّہُمۡ إِلَی رَبِّہِمۡ رَاجِعُونَ **(ଅଲ୍ ମୁମିନୁନ୍: 20)** یَا رَسُولَ اللّٰہِ ہُوَ الَّذِی یَسۡرِقُ وَیَزۡنِی وَیَشۡرَبُ الۡخَمۡرَ وَہُوَ یَخَافُ اللّٰہَ قَالَ لَا یَا بِنۡتَ أَبِی بَکۡرٍ یَا بِنۡتَ الصِّدِّیقِ وَلَکِنَّہُ الَّذِی یُصَلِّی وَیَصُومُ وَیَتَصَدَّقُ وَہُوَ یَخَافُ اللّٰہَ عَزَّ وَجَلَّ۔ **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-296-297, ମସନଦ୍ ଆଏଶା ର.ଅ, ହଦିସ୍ ନଂ-25777, ପ୍ରକାଶନ ସ୍ଥାନ-ଆଲିମୁଲ୍ କୁତୁବ୍ ବୈରୁତ୍-(1998 ମସିହା**

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ପଚାରିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ وَالَّذِیۡنَ یُؤۡتُوۡنَ مَاۤ اٰتَوۡا وَّقُلُوۡبُہُمۡ وَجِلَۃٌ (ଅଲ ମୁମିନୁନ୍:62) ର ଅର୍ଥ ଏହା ହିଁ ଯେ, ମନୁଷ୍ୟ ଯାହା ଚାହିଁବ ତାହା ସେ କରିବ । କିନ୍ତୁ ସେ ଈଶ୍ୱରଙ୍କୁ ଡରିବା ଉଚିତ୍ ? ଆପଣ ସ.ଅ କହିଲେ, ନା ଏହାର ଅର୍ଥ ଏହା ନୁହେଁ ବରଂ ଏହାର ଅର୍ଥ ଏହିକି ଯେ, ମନୁଷ୍ୟ ପୁଣ୍ୟ କରୁ । କିନ୍ତୁ ତତ୍‌ସହିତ ମନୁଷ୍ୟ ଈଶ୍ୱରଙ୍କୁ ମଧ୍ୟ ଭୟ କରିବା ଉଚିତ୍ ।

☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ଖଶିୟତ୍ (ଈଶ୍ୱରଭୀରୁତା)ର ଶବ୍ଦରେ ଏହି (ଉକ୍ତ ପ୍ରସଙ୍ଗର) ଅଧ୍ୟାତ୍ମମୂଳକ ଭାବାର୍ଥ ମଧ୍ୟ ନିହିତ ରହିଛି । ଅର୍ଥାତ୍ ଯାହାକୁ ଭୟ କରାଯାଇଥିବ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁର୍ ରାଆଦ୍ ଆୟତ୍ ସଂଖ୍ୟା 22 وَالَّذِیۡنَ یَصِلُوۡنَ مَاۤ اَمَرَ اللّٰہُ بِہٖۤ اَنۡ یُّوۡصَلَ وَیَخۡشَوۡنَ رَبَّہُمۡ وَیَخَافُوۡنَ سُوۡٓءَ الۡحِسَابِ ؕ ର ବ୍ୟାଖ୍ୟା କରି କୁହନ୍ତି: "ଖଶିୟତର (ଈଶ୍ୱରଭୀରୁତା)ର ଶବ୍ଦରେ ସେହି ପ୍ରସଙ୍ଗର ଅଧ୍ୟାତ୍ମମୂଳକ ଭାବାର୍ଥ ମଧ୍ୟ ରହିଛି ଯେ, ଯାହାକୁ ଦେଖି ଭୟଭୀତ ହୁଏ ତାହାକୁ ଖଶିୟତ୍ କୁହାଯାଏ । ଯେତେବେଳେ ମନୁଷ୍ୟକୁ କୌଣସି ପ୍ରସଙ୍ଗ (ଅର୍ଥାତ୍ ଈଶ୍ୱରଙ୍କ) ସଂପର୍କରେ ଅଧ୍ୟାତ୍ମ ପିରଚୟ ପ୍ରାପ୍ତ ହୁଏ ଓ ଯେତେବେଳେ ସେହି ଅଧ୍ୟାତ୍ମ ପ୍ରସଙ୍ଗ ଅର୍ଥାତ୍ ଈଶ୍ୱରଙ୍କ ପ୍ରତି ଭୟ ପ୍ରକାଶ କରାଯାଏ ସେତେବେଳେ ଖଶିୟତ୍ (ଈଶ୍ୱରଭୀରୁତା) ଶବ୍ଦଟି ପ୍ରୟୋଗ କରାଯାଇଥାଏ । ସେହିପରି ଭୟ ଯଦି କ୍ଷତିକାରକ ଏବଂ ଅନିଷ୍ଟକାରୀ ନହୋଇ ଏଇଥି ପାଇଁ ପ୍ରକାଶ କରାଯାଏ ଯେ, ମନୁଷ୍ୟ ଏହା ବିଶ୍ୱାସ କରୁ କି ସେହି ବସ୍ତୁଟି ସର୍ବୋଚ୍ଚ ଏବଂ ମର୍ଯ୍ୟାଦା ସମ୍ପନ୍ନ ଅଟେ । ବ୍ୟକ୍ତି ଏହା ମନେକରିବ କି ଏପରି ନହେଉ ଯେ, କୌଣସି ଅବଚେତନା କାରଣରୁ ମୁଁ ସେହି ସତ୍ତା (ଈଶ୍ୱର ହେଉ)ଙ୍କର ସାନ୍ନିଧ୍ୟତା ଓ ସାମୀପ୍ୟତା ହରାଇ ବସିବି । ସୁତରାଂ ଅଲ୍ଲାଃତାଲାଙ୍କ ଭୟ କହିଲେ ଏହା ବୁଝାଏ ଯେ, ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କ ସହିତ ସଂପର୍କର ମର୍ଯ୍ୟାଦାକୁ ଥରେ ପ୍ରାପ୍ତ କରିନିଏ ସେତେବେଳେ ଯେହେତୁ ତା' ସମ୍ମୁଖରେ ଏହା ଉନ୍ମୋଚିତ ହୋଇଯାଇଥାଏ ଯେ, ଏହା ହିଁ ହେଉଛି ସେହି ମର୍ଯ୍ୟାଦା ଯେଉଁ ମର୍ଯ୍ୟାଦା ମନୁଷ୍ୟର ପ୍ରକୃତ ଶାନ୍ତି ଏବଂ ପ୍ରକୃତ ଉନ୍ନତିର ମର୍ଯ୍ୟାଦା ଅଟେ । ତେଣୁ ମନୁଷ୍ୟ ସେହି ମର୍ଯ୍ୟାଦା ହରାଇବାକୁ କଦାପି ସହ୍ୟ କରିପାରିବ ନାହିଁ । ମନୁଷ୍ୟ ସର୍ବଦା ସେହି ମର୍ଯ୍ୟାଦାକୁ ସୁରକ୍ଷିତ ରଖିବା ଏବଂ ସୁରକ୍ଷା ଦେବା ନିମନ୍ତେ ଉଦ୍ୟମରତ ରହିଥାଏ, ଏଥି ନିମନ୍ତେ ସେ ସବୁବେଳେ ଯତ୍ନବାନ୍ ହୋଇଥାଏ । ଅର୍ଥାତ୍ ବ୍ୟକ୍ତି ବା ମନୁଷ୍ୟକୁ ସାନ୍ନିଧ୍ୟତା ଏବଂ ସାମୀପ୍ୟତା ଯୋଗୁଁ ପ୍ରାପ୍ତ ହୋଇଛି ତାହା ଯେପରି ଅବଚେତନା ଯୋଗୁଁ ହରାଇ ନବସୁ । ଉକ୍ତ ଲକ୍ଷଣର ଦ୍ୱିତୀୟ

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ...

ଭାଗ ଅଲ୍ଲାଃତାଲା ଏହା କହିଛନ୍ତି ଯେ, وَيَخَافُوْنَ سُوْٓءَ الْحِسَابِ ଅର୍ଥାତ୍ ଏକ ପକ୍ଷରେ ବ୍ୟକ୍ତି (ବିଶ୍ୱାସାକାରୀ) ଅଲ୍ଲାଃତାଲା ସାନ୍ନିଧ୍ୟ ପ୍ରାପ୍ତ ଜନିତ ମର୍ଯ୍ୟାଦାକୁ କିପରି ସୁରକ୍ଷା ଦିଆଯାଇ ପାରିବ ସେଥିପ୍ରତି ଚିନ୍ତିତ ରହିଥାଏ। ଅନ୍ୟ ପାର୍ଶ୍ୱରେ ସେ ଉକ୍ତ ପ୍ରସଙ୍ଗ ଠାରୁ ମଧ୍ୟ ଭୟଭୀତ ରହିଥାଏ । ଅର୍ଥାତ୍ ମାନବ ଜାତି ପ୍ରତି ସଦୟ ଭାବ ପ୍ରଦର୍ଶନ କରିବାର ଯେଉଁ ମର୍ଯ୍ୟାଦାଟି ବିଶ୍ୱାସକାରୀ ବ୍ୟକ୍ତିକୁ ପ୍ରାପ୍ତ ହୋଇଥାଏ ତହିଁରେ କୌଣସି ପ୍ରକାରର ଅବହେଳା ଯୋଗୁଁ ସେ ଅଲ୍ଲାଃତାଲାଙ୍କ ରୁଷ୍ଟତାର କାରଣ ନହୋଇଯାଉ । ହୁଜୁର୍ ର.ଅ କହିଲେ, ପ୍ରଥମ ଦୁଇଟି ଲକ୍ଷଣରେ ଯେହେତୁ ଈଶ୍ୱରଙ୍କ ସହିତ ସଂପର୍କକୁ ପ୍ରକୃତ ଓ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ମାନବ ଜାତିର କାରଣ ବୋଲି ବିବେଚିତ କରାଯାଇଛି । ତୃତୀୟ ପ୍ରମାଣରେ ତଦନୁଯାୟୀ ଅଲ୍ଲାଃତାଲାଙ୍କ ସହିତ ସଂପର୍କର ତ୍ରୁଟିବିଚ୍ୟୁତି ନିମନ୍ତେ ଖଶିୟତ୍‌ର ଶବ୍ଦ ପ୍ରୟୋଗ କରାଯାଇଛି ଓ ପ୍ରାଣୀମାନଙ୍କ ସଂପର୍କର ତ୍ରୁଟିବିଚ୍ୟୁତି ସଂକ୍ରାନ୍ତରେ ଭୟର ଶବ୍ଦ ପ୍ରୟୋଗ କରାଯାଇଛି । କାରଣ ପ୍ରାରମ୍ଭରେ ଯେଉଁ ଶବ୍ଦଟି ବ୍ୟବହୃତ ହୋଇଛି ତାହା ସେହି ପ୍ରସଙ୍ଗକୁ ସିଦ୍ଧ କରେ ଯେ, ଯେଉଁ ବସ୍ତୁ ପ୍ରତି ଭୟ ପ୍ରକାଶ କରାଯାଇଥାଏ ତାହା ବିଶେଷ ଅସ୍ତିତ୍ୱ ଅଟେ ଏବଂ ଭୟର ଶବ୍ଦ ନିମନ୍ତେ ଏହା ପ୍ରଯୁଜ୍ୟ ନୁହେଁ ଯେ, କୌଣସି ବିଶେଷ ଅସ୍ତିତ୍ୱ ସଂପର୍କରେ ପ୍ରକାଶ କରାଯାଉ। ବରଂ ବେଳେବେଳେ ଉକ୍ତ ଶବ୍ଦଟି ଏପରି ବସ୍ତୁ ନିମନ୍ତେ ମଧ୍ୟ ବ୍ୟବହୃତ ଏବଂ ଉଚ୍ଚାରିତ କରାଯାଇଥାଏ ଯେଉଁ ବସ୍ତୁକୁ ଦେଖି ଦୂରକୁ ପଳାଇବାର ଅଭିପ୍ରାୟ ଥାଏ । ଅର୍ଥାତ୍ କୌଣସି ବିଶେଷ ଅସ୍ତିତ୍ୱମୂଳକ ବସ୍ତୁର ରୁଷ୍ଟତା ନିମନ୍ତେ ମଧ୍ୟ ଉକ୍ତ ଶବ୍ଦଟି ପ୍ରୟୋଗ ହୋଇଥାଏ। **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-5, ପୃ-54, ଚର୍ଚ୍ଚିତ ତଫ୍‌ସିର୍ ସୁରାଃ ଅନ୍ ନୁର୍, ଆୟତ୍ ନଂ-22)** ☆--☆--☆

## ସମ୍ପାଦକୀୟ

## ଦେଶ ବିଭାଜନ ପରେ ଖବର କାଗଜ "ବଦର୍" ନିଜର 74ତମ ବର୍ଷରେ

ସାପ୍ତାହିକ ବଦର୍ କାଦିୟାନ୍‌ର ଶୁଭାରମ୍ଭ ଯଦିଓ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର କାଳରେ 1902 ମସିହାରେ ହୋଇଥିଲା ଏବଂ ଏହାର (ବଦର୍‌ର) ପ୍ରଥମ ସମ୍ପାଦକ ହ. ମୁହମ୍ମଦ ଅଫ୍‌ଜଲ୍ ସାହେବ ର.ଅ ଥିଲେ । ଆପଣ ର.ଅ ଉକ୍ତ ଖବର କାଗଜର ମାଲିକ ମଧ୍ୟ ଥିଲେ । ଉକ୍ତ ଖବରକାଗଜର ନାମ ସର୍ବ ପ୍ରଥମେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ "ଅଲ୍ ବଦର୍" ବୋଲି ପ୍ରସ୍ତାବ ଦେଇଥିଲେ । ସମ୍ମାନିତ ମୁହମ୍ମଦ୍ ଅଫ୍‌ଜଲ୍ ସାହେବଙ୍କ ବିୟୋଗ 1905 ମସିହାରେ ହୋଇଥିଲା । ଏହାପରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ର.ଅଙ୍କୁ ଉକ୍ତ ଖବର କାଗଜ "ଅଲ୍ ବଦର୍"ର ସମ୍ପାଦକ ଭାବରେ ନିଯୁକ୍ତ କଲେ ଏବଂ ହ. ମୁଫ୍‌ତି ସାହେବ ର.ଅଙ୍କ କାଳରେ ହିଁ ଉକ୍ତ ଖବର କାଗଜର ନାମ "ଅଲ୍ ବଦର୍"ରୁ ପରିବର୍ତ୍ତିତ ହୋଇ "ବଦର୍" ରଖାଗଲା ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ପବିତ୍ର ସମୟରେ କାଦିୟାନରୁ ଦୁଇଟି ଖବର କାଗଜ ପ୍ରକାଶିତ କିରଥିଲେ । ସେହି ଦୁଇ ଖବର କାଗଜର ନାମ ହେଲା "ଅଖବାର୍ ଅଲ୍ ବଦର୍" ଓ "ଅଖବାର୍ ଅଲ ହକମ୍"। ଏହି ଦୁଇ ଖବର କାଗଜ ସଂପର୍କରେ ଆପଣ ଅ.ସ କହିଲେ, "ଅଖବାର୍ ଅଲ୍ ବଦର୍" ଓ "ଅଖବାର୍ ଅଲ୍ ହକମ୍" ହେଉଛନ୍ତି ମୋର ଦୁଇ ବାହୁ । ଆପଣ ଅ.ସଙ୍କ ଉପରେ ଯେତେବେଳେ ଅଲ୍ଲାଃତାଲାଙ୍କ ତରଫରୁ କୌଣସି ଐଶୀବାଣୀ ଅବତୀର୍ଣ୍ଣ ହେଉଥିଲା, ସେହି ଐଶୀବାଣୀ ତଥା ଆପଣ ଅ.ସଙ୍କ ଆଦେଶାବଳୀଗୁଡ଼ିକୁ ଆପଣ ଅ.ସ ଉକ୍ତ ଖବର କାଗଜ ମାଧ୍ୟମରେ ଦେଶର ଦୂରବର୍ତ୍ତୀ ଅଞ୍ଚଳରେ ପ୍ରକାଶ କରି ଦେଉଥିଲେ ।

ଖବର କାଗଜ ବଦର୍ 1913 ମସିହା ପର୍ଯ୍ୟନ୍ତ ଜାରି ରହିଲା । ପୁନଶ୍ଚ 1913 ମସିହା ପରେ ଏହି ଖବର କାଗଜଟି ବନ୍ଦ୍ ହୋଇଗଲା । ଦେଶ ବିଭାଜନ ପରେ ହ. ଖଲିଫତୁଲ୍ ମସିହୁସ୍ ସାନି ର.ଅଙ୍କ ମାର୍ଗଦର୍ଶନ କ୍ରମେ ଆପଣ ର.ଅଙ୍କ ଦୁଆ ଏବଂ କାଦିୟାନ୍‌ର ଦରୱେଶ୍‌ମାନଙ୍କ ଉଦ୍ୟମ ବଳରେ ଉକ୍ତ ଖବର କାଗଜଟି ପୁନଃ କାଦିୟାନରୁ ସାପ୍ତାହିକ ଭାବରେ ପ୍ରକାଶିତ ହେଲା । ଉକ୍ତ ଖବର କାଗଜର ପ୍ରଥମ ସଂଖ୍ୟା ଅର୍ଥାତ୍ ଦ୍ୱିତୀୟ ଥର ଯେତେବେଳେ ପ୍ରକାଶିତ ହେଲା ସେତବେଳେ ସେହି ସଂଖ୍ୟା ଥିଲା 1952 ମସିହା ମାର୍ଚ୍ଚ ମାସ 7 ତାରିଖ । ଉପରୋକ୍ତ ପ୍ରଦତ୍ତ ତାରିଖରେ ଏହାର ଦ୍ୱିତୀୟ ପ୍ରକାଶନ ଆରମ୍ଭ ହୋଇଥିଲା । ଦେଶ ବିଭାଜନ ହେବା ପରେ ଉକ୍ତ ଖବର କାଗଜ ଅର୍ଥାତ୍ ଖବର କାଗଜ ବଦର୍‌ର ପ୍ରଥମ ସମ୍ପାଦକ ତଥା ହ. ମସିହ୍ ମଉଦ୍ ଅ.ସଙ୍କ ସାହିବ ଶ୍ରୀଯୁକ୍ତ ମୌଲାନା ଗୁଲାମ୍ ରସୁଲ୍ ରାଜିକି ସାହେବଙ୍କ ସୁପୁତ୍ର ବର୍‌କାତ୍ ଅହମଦ୍ ରାଜିକି ସାହେବ ନିଯୁକ୍ତ ହୋଇଥିଲେ ।

ଉକ୍ତ ଖବର କାଗଜର ପ୍ରଥମ ପ୍ରକାଶନ ଅର୍ଥାତ୍ ମାର୍ଚ୍ଚ ମାସ 7 ତାରିଖ ଦିନ ହ. ଖଲିଫତୁଲ୍ ମସିହଉସ୍ ସାନି ର.ଅଙ୍କ ଏକ ଐତିହାସିକ ସନ୍ଦେଶ ମଧ୍ୟ ପ୍ରେରଣ କରିଥିଲେ । ସେହି ସନ୍ଦେଶରେ ଆପଣ ର.ଅ ଏହା ଉଲ୍ଲେଖ କରିଥିଲେ ଯେ, "ସର୍ବ ପ୍ରଥମେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁଛି କି ସେ ଉକ୍ତ ଖବର କାଗଜକୁ ଉତ୍କୃଷ୍ଟରୁ ଉତ୍କୃଷ୍ଟତର କାର୍ଯ୍ୟ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଉକ୍ତ ଖବର କାଗଜକୁ ପରିଚାଳନା କରୁଥିବା ଲୋକମାନଙ୍କୁ ପ୍ରକାଶ୍ୟ ଏବଂ ଅପ୍ରକାଶ୍ୟ ଜ୍ଞାନ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ସେମାନେ ଜାତି ଏବଂ ଦେଶର ସଠିକ୍ ମାର୍ଗଦର୍ଶନ କରିପାରିବେ । ଏଥି ନିମନ୍ତେ ଅଲ୍ଲାଃତାଲା ଜମାଅତ୍ ଅହମଦିୟାକୁ ସମାର୍ଥ୍ୟ ପ୍ରଦାନ କରନ୍ତୁ । ଲୋକମାନେ ଅଧିକରୁ ଅଧିକ ଭାବରେ ଉକ୍ତ ଖବରକାଗଜ କ୍ରୟ କରି ଉକ୍ତ ଖବରକାଗଜର ପ୍ରକାଶନକୁ ବ୍ୟାପକରୁ ବ୍ୟାପକତର କରି ଚାଲନ୍ତୁ ଏବଂ ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ସେମାନେ ଏହାକୁ ପରିବ୍ୟାପ୍ତ କରି ଦିଅନ୍ତୁ । ଏପର୍ଯ୍ୟନ୍ତକି ଉକ୍ତ ଖବର କାଗଜଟି ଦୈନିକ ହୋଇଯିବ ଏବଂ ବ୍ୟାପକ ରୂପେ ଏହାର ପ୍ରକାଶନ ହେବ । ଉକ୍ତ ଖବର କାଗଜର ନାମ "ବଦର୍" ଅଟେ । ଉକ୍ତ ନାମଟି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅତି ପ୍ରିୟ ନାମ ଥିଲା ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱପ୍ନ ଏବଂ ତନ୍ଦ୍ରାବସ୍ଥା ଜନିତ ସ୍ୱପ୍ନକୁ ପ୍ରକାଶ କରିବାରେ ଏକ ସମୟରେ ଉକ୍ତ ଖବର କାଗଜକୁ ବିଶେଷ ମର୍ଯ୍ୟାଦା ଓ ମହତ୍ତ୍ୱ ପ୍ରାପ୍ତ ହୋଇଥିଲା । କାରଣ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ଏହାର ସମ୍ପାଦକ ଥିଲେ ଏବଂ ମୁଫ୍‌ତି ମୁହମ୍ମଦ୍ ସାଦିକ ସାହେବ ହିଁ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ୟକ୍ତିଗତ ସଚିବ ରୂପେ କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କୁ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଶୀଘ୍ରାତିଶୀଘ୍ର ଐଶୀବାଣୀ ପ୍ରାପ୍ତ ହେବାର ସୁଯୋଗ ପ୍ରାପ୍ତ ହେଉଥିଲା । କିନ୍ତୁ ମୁଁ ଆଶା କୁରଛି ଯେ, ବର୍ତ୍ତମାନ ସେହି ଐଶୀବାଣୀଗୁଡ଼ିକର ବ୍ୟାଖ୍ୟା, ସ୍ପଷ୍ଟୀକରଣ ଏବଂ ତାହାର ଅଭିପ୍ରାୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରିବା ତଥା ପ୍ରକାଶିତ କରିବାରେ ଉକ୍ତ ଖବର କାଗଜଟି ସର୍ବଦା ନିମଜ୍ଜିତ ଓ କର୍ମରତ ରହିବ ।"

ସମ୍ମାନିତ ପ୍ରିୟ ପାଠକବୃନ୍ଦ ! ବର୍ତ୍ତମାନ ଖବର କାଗଜ ବଦର୍‌ର ଏହା ହିଁ ଅଭିପ୍ରାୟ ରହିଛି । ବର୍ତ୍ତମାନ ଖବର କାଗଜ ବଦର୍‌ର ପ୍ରକାଶନର ପ୍ରଥମ ଅଭିପ୍ରାୟ ଏହା ହିଁ ଯେ, ହ. ଅମୀରୁଲ୍ ମୁନିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ ଅଜିଜ୍‌ଙ୍କର ସକଳ ଆଦେଶାବଳୀ ଯାହା ପବିତ୍ର କୁରଆନ୍ କରୀମ୍, ହଦିସ୍ ଓ ପୁଣ୍ୟଶ୍ଳୋକ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଐଶୀବାଣୀ, ଆଦେଶାବଳୀ ଓ ଲେଖନୀର ବ୍ୟାଖ୍ୟା ରହିଛି ତାହାକୁ ପାଠକବୃନ୍ଦଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଉ । ତେଣୁ ବଦର୍‌ର ସମ୍ପାଦକମଣ୍ଡଳୀ ଏଥି ପ୍ରତି ଚେଷ୍ଟିତ ଅଟନ୍ତି ଯେ, ଉକ୍ତ ଖବର କାଗଜ ମାଧ୍ୟମରେ ହୁଜୁର୍ ଅନୱର୍ ଅ.ବଙ୍କ ଖୁତ୍‌ବା ଜୁମା, ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନ୍ୟାନ୍ୟ ଉଦ୍‌ବୋଧନ, ଆପଣ ଅ.ବଙ୍କର ଗସ୍ତର ରିପୋର୍ଟସ୍, ମଜାଲିସେ ଇର୍ଫାନ୍ ଇତ୍ୟାଦିକୁ ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଉପସ୍ଥାପିତ କରାଯାଉ । ସେହିପରି ହୁଜୁର ଅ.ବଙ୍କ ଆଦେଶମତେ ବର୍ତ୍ତମାନ ପ୍ରତ୍ୟେକ ସପ୍ତାହର ସାଂପ୍ରତିକ ପରିସ୍ଥିତ ଉପରେ ପର୍ଯ୍ୟବେସିତ ସମ୍ପାଦକୀୟ ଓ ଅନ୍ୟାନ୍ୟ ବିଷୟବସ୍ତୁ ମଧ୍ୟ ପ୍ରକାଶିତ କରାଯାଇଥାଏ । ମୁବଲ୍ଲିଗିନ୍/ମୁଅଲ୍ଲମିନ୍‌ମାନେ, ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦ ନିଜର ମୂଲ୍ୟବାନ୍ ବିଷୟବସ୍ତୁ ଓ ଜମାଅତୀୟ ଉଦ୍ୟମ ଉପରେ ଆଧରିତ ନିଜର ରିପୋର୍ଟସ୍, ଜିଲ୍ଲାର ଅମୀର୍ ସାହେବଙ୍କ ମାଧ୍ୟମରେ କିମ୍ବା ନିଜର ସ୍ଥାନୀୟ କାର୍ଯ୍ୟାଳାୟ ମାଧ୍ୟମରେ ପ୍ରେରଣ କରନ୍ତୁ । ତେବେ **ଇନ୍‌ଶାଅଲ୍ଲାଃ** ସେମାନଙ୍କର ଏହି ପ୍ରଚେଷ୍ଟାର ରିପୋର୍ଟସ୍ କେବଳ ଉର୍ଦ୍ଦୁ ଖବର କାଗଜରେ ପ୍ରକାଶିତ ହେବା ନାହିଁ ବରଂ ବଦରର ଅନ୍ୟାନ୍ୟା ଆଞ୍ଚଳିକ ଭାଷାର ସଂସ୍କରଣରେ ମଧ୍ୟ ପ୍ରକାଶ କରାଯିବ । କାରଣ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ଆଞ୍ଚଳିକ ଭାଷା ସହିତ ବ୍ୟକ୍ତିଗତ ରୂପେ ସଂଶ୍ଳୀଷ୍ଟ ହୋଇ ଅଧିକରୁ ଅଧିକ କଲ୍ୟାଣ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରନ୍ତୁ । **ଆମିନ୍** ।

ଖବର କାଗଜର ପ୍ରକୃତ ସୌନ୍ଦର୍ଯ୍ୟତା ତ' ପବିତ୍ର କୁରଆନ୍, ହଦିସ୍ ଓ ମଲ୍‌ଫୁଜାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରକାଶରେ ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃ ତାଆଲା ବିନସ୍ରେହିଲ୍ ଅଜିଜ୍‌ଙ୍କ ଦ୍ୱାରା ପ୍ରକାଶିତ ହେଉଥିବା ପ୍ରଦତ୍ତ ଆଦେଶାଳାବଳୀ ଓ ଉପଦେଶାବଳୀ ଦ୍ୱାରା ସମ୍ଭବପର ହୋଇପାରିଛି । ଅର୍ଥାତ୍ ଖବର କାଗଜରଟି ସେତେବେଳେ ଶୋଭାବର୍ଦ୍ଧନକାରୀ ସୌନ୍ଦର୍ଯ୍ୟ ହେବ ଯେତେବେଳେ ଆମେମାନେ ସେହି ଆଦେଶାବଳୀଗୁଡ଼ିକୁ କେବଳ ନିଜର ଅତି ପ୍ରିୟ ପ୍ରାଣ ରୂପେ ବିବେଚିତ କରିବୁ ନାହିଁ ବରଂ ଆମେମାନେ ଏହି ଉଦ୍ୟମ କରିବୁ କି ଆମମାନଙ୍କର ଆଗାମୀ ବଂଶଧରମାନେ ମଧ୍ୟ ତହିଁରୁ ଉପକୃତ ହେବେ ।

ଖବର କାଗଜ ବଦର୍ ଇସଲାମ୍ ଧର୍ମର ପ୍ରକୃତ ଖିଲାଫତ୍ ସହିତ ଆମମାନଙ୍କର ସଂପର୍କକୁ ଦୃଢୀଭୂତ କରିବାର ପ୍ରତିଭୂ (ଗ୍ୟାରେଣ୍ଟୀ ଦେଇଥାଏ) ଅଟେ । ଏହି ସଂପର୍କ ହିଁ ଆମମାନଙ୍କର ଶାରୀରୀକ, ଆଧ୍ୟାତ୍ମିକ ଉନ୍ନତିର ମାଧ୍ୟମ ଅଟେ । ପୁଣ୍ୟଶ୍ଳୋକ ସୟେଦିନା ହ. ଖଲିଫତୁଲ୍ ମସ୍‌ହ ଖାମିସ ଅ.ବ ବିଗତ ବର୍ଷ ଡିସେମ୍ବର ମାସରେ ଖବର କାଗଜ ବଦର୍‌ର ବିଶେଷ ସଂଖ୍ୟା "ଜାତୀୟ ଏକତା" ପାଇଁ ଯେଉଁ ଅଧ୍ୟାତ୍ମ ଚକ୍ଷୁବର୍ଦ୍ଧକ ସନ୍ଦେଶ ପ୍ରେରଣ କିରଥିଲେ ତହିଁରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଉପଦେଶ ଦେଇ କହିଥିଲେ: "ଅଲ୍ଲାଃତାଲାଙ୍କ କୃପାରୁ ଏକତା ଆଜି କେବଳ ଓ କେବଳ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ର ହିଁ ବୈଶିଷ୍ଟ୍ୟତା ଅଟେ । ଅନ୍ୟ ସମସ୍ତ ଜାତିମାନେ କ୍ଷିପ୍ତ ବିକ୍ଷିପ୍ତର ଶିକାର ହୋଇଛନ୍ତି ଏବଂ ଯେପର୍ଯ୍ୟନ୍ତ ସେମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରି ନେଇ ନାହାନ୍ତି ଓ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ପୁରସ୍କାର ପ୍ରତି ସମ୍ମାନ ପ୍ରଦର୍ଶନ କରି ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ସର୍ବଦା ବିକ୍ଷିପ୍ତତାର ଶିକାର ହୋଇ ହେଉଥିବେ । ସୁତରାଂ ଆମେମାନେ ସୌଭାଗ୍ୟଶାଳୀ ଅଟୁ ଯେ, ଖିଲାଫତ୍‌ର କଲ୍ୟାଣ ମାଧ୍ୟମରେ ଉନ୍ନତିର ଉତ୍ତରୋତ୍ତର ପଥରେ ଅଗ୍ରସର ହେବୁ ଓ ସକଳ ଜଗତରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉଚ୍ଚ କରି ଚାଲିଥିବୁ । **(ଅବଶିଷ୍ଟାଂଶ....ପୃ-09ରେ)**

## (ଖୁତ୍‌ବା ଜୁମା)

ପ୍ରତିଶୃତ ମସିହ୍ ମଉଦ୍ ଅ.ସ କୁହନ୍ତି: " ଆମର ସ୍ୱର୍ଗ ହିଁ ଆମ ଈଶ୍ୱର ଅଟନ୍ତି । ଆମମାନଙ୍କର ସକଳ ସ୍ୱାଦ ଅର୍ଥାତ ସୁଖ ସ୍ୱାଚ୍ଛନ୍ଦ୍ୟ ଆମ ଈଶ୍ୱରଙ୍କ ମଧ୍ୟରେ ନିହିତ ରହିଛି । କାରଣ ଆମେମାନେ ତାହାଙ୍କୁ ଦେଖିଲୁ ଓ ସକଳ ପ୍ରକାରର ସୌନ୍ଦର୍ଯ୍ୟ ତାହା(ସେହି ଈଶ୍ୱର)ଙ୍କ ମଧ୍ୟରେ ପାଇଲୁ । ଯଦି ଜୀବନ ଦେବା ଦ୍ୱାରା ଉକ୍ତ ଧନକୁ ପ୍ରାପ୍ତ ହୁଏ ତେବେ ତାହା ଗ୍ରହଣଯୋଗ୍ୟ ଅଟେ । ନିଜର ଅସ୍ତିତ୍ୱକୁ ହରାଇବା ଦ୍ୱାରା ଯଦି ଉକ୍ତ ମୁକ୍ତା ପ୍ରାପ୍ତ ହୁଏ ତେବେ ତାହା ଗ୍ରହଣଯୋଗ୍ୟ ଅଟେ (ଅର୍ଥାତ୍ ନେଇନେବା ଉଚିତ୍) । ହେ ବଞ୍ଚିତ ବ୍ୟକ୍ତିମାନେ ! ତୁମେମାନେ ସେହି ନିର୍ଝର (ଝରଣା) ଆଡ଼କୁ ଦଉଡ଼ । କାରଣ ସେହି ଝରଣା ହିଁ ତୁମମାନଙ୍କୁ ସେଚିତ କରିବ । ଏହି ଝରଣାଟି ଜୀବନର ଝରଣା ଅଟେ ଯାହା ତୁମମାନଙ୍କର ପ୍ରାଣ ରକ୍ଷା କରିବ । ମୁଁ କ'ଣ କରିବି ଏବଂ କିପରି ଉକ୍ତ ଶୁଭ ସୂଚନାକୁ ଲୋକମାନଙ୍କ ହୃଦୟରେ ଆସନ୍ନିତ କରାଇବି । କେଉଁ ଢୋଲ ଦ୍ୱାରା (ବଜାଇ) ମୁଁ ବଜାରରେ ଘୋଷଣା (ଡାକ ମାରୁଥିବି) କରୁଥିବି ଯେ, ଏ ହିଁ ହେଉଛନ୍ତି ତୁମମାନଙ୍କର ଈଶ୍ୱର ଏବଂ ଲୋକମାନେ ମୋ ଡାକକୁ ଶୁଣି ନେବେ । ମୁଁ କେଉଁ ଔଷଧ ଦ୍ୱାରା ଚିକିତ୍ସା କରିବି ଯେ, ଶ୍ରୋତାମାନଙ୍କର କର୍ଣ୍ଣ (କାନ) ଉନ୍ମୁକ୍ତ (ଖୋଲିଯିବ) ହୋଇଯିବ ।"

(ହଜରତ୍ ମସିହ ମଉଦ୍ [ଅ.ସ])

---

ସାଂପ୍ରତିକ କାଳରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସଙ୍କ କୃତ୍ୟ ଏବଂ ନିଜର ପ୍ରିୟ ମୁନିବଙ୍କ ଆଜ୍ଞାବହତ୍ୱରେ ସେହି ଐଶୀ ପ୍ରେମର ଝଲକ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ ।

---

ମୋର ତ' ଏହି ଅବସ୍ଥା ରହିଛି ଯେ, ଯଦି ମୋତେ ସ୍ପଷ୍ଟ ଶବ୍ଦ ଆସେ (ଶୁଭେ) ଯେ, ତୁମ୍ଭେ ତିରସ୍କୃତ ଓ ଅପମାନିତ ଅଟ ଏବଂ ତୁମ୍ଭର କୌଣସି ମନସ୍କାମନା ଆମ୍ଭେ ପୂର୍ଣ୍ଣ କରିବୁ ନାହିଁ ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ସେହି ଈଶ୍ୱରଙ୍କ ପ୍ରେମ, ଆନ୍ତରୀକତା ଏବଂ ଧର୍ମସେବାରେ କୌଣସି ନ୍ୟୁନତା ହ୍ରାସ ପରିଲକ୍ଷିତ ହେବ ନାହିଁ । ତେଣୁ ମୁଁ ତ' ତାକୁ ଦେଖି ସାରିଛି । (ହଜରତ୍ ମସିହ ମଉଦ୍ [ଅ.ସ])

---

ନିଜର ଅତି ପ୍ରିୟତମ ଈଶ୍ୱରଙ୍କ ପ୍ରେମ ଯାହା ଆପଣ ଅ.ସଙ୍କ ଆତ୍ମାର ପ୍ରତ୍ୟେକଟି କଣିକାର ଅର୍ଥାତ୍ ଅଙ୍ଗପ୍ରତ୍ୟେଙ୍ଗରେ ତରଙ୍ଗାୟିତ ଥିଲା । ଆପଣ ଅ.ସଙ୍କ ପ୍ରତ୍ୟେକଟି ଆଚରଣ ଓ ଉଚ୍ଚାରଣରୁ ପ୍ରତ୍ୟେକ ମୁହୂର୍ତ୍ତ ଈଶ୍ୱରଙ୍କ ପ୍ରେମ ଦୃଶ୍ୟମାନ ହେଉଥିଲା । ନମାଜ୍ ସମୟ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ମୁଁ ଆପଣଙ୍କୁ ଅଶେଷ ଦୟାବାନ୍ ଈଶ୍ୱରଙ୍କୁ ଆକୁଳ ନିବେଦନ କରୁଥିବାର ଶୁଣିଛି । ଆପଣ ଅ.ସ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅଙ୍କ ଆଜ୍ଞାବହତ୍ୱରେ ନିଜର ବାଲ୍ୟକାଳ ଏବଂ ନିଜର କୈଶୋରାବସ୍ଥାକୁ ଈଶ୍ୱରଙ୍କ ପ୍ରେମରେ ଅତିବାହିତ କରିଦେଇଥିଲେ ।

(ହ. ନୱାବ୍ ମୁବାରକା ବେଗମ୍ ସାହେବା ର.ଅଙ୍କ ଦ୍ୱାରା ବର୍ଣ୍ଣିତ ବର୍ଣ୍ଣନା)

---

"ମୋତେ ଯେତେବେଳେ ବି ଡେଲ୍‌ହାଉସୀ ଯିବାର ଅବସର ପ୍ରାପ୍ତ ହେଉଥିଲା ସେତେବେଳେ ପର୍ବତର ସବୁଜିମା ଭାଗ ଏବଂ ପ୍ରବାହିତ ହେଉଥିବା ଝରଣାକୁ ଦେଖି ସ୍ୱଭାବ ସ୍ୱତଃ ସ୍ଫୂତଃ ଭାବରେ ଅଲ୍ଲାଃତାଲାଙ୍କ ପ୍ରଶଂସାର ଉତ୍ସାହ ସୃଷ୍ଟି ହେଉଥିଲା ଏବଂ ଉପାସନା କରିବାରେ ମଧ୍ୟ ମଜା ଲାଗୁଥିଲା । ମୁଁ ଦେଖୁଥିଲି ଯେ, ସେଠାରେ ଏକାନ୍ତ ମୁହୂର୍ତ୍ତ ପାଇଁ ବେଶ୍ ଭଲ ଅବସର ମିଳିଥାଏ ।"(ହଜରତ୍ ମସିହ ମଉଦ୍ [ଅ.ସ])

---

ଅଲ୍ଲାଃତାଲାଙ୍କ ପବିତ୍ର ଅସ୍ତିତ୍ୱରୁ ଆପଣ ଅ.ସଙ୍କ ପ୍ରକୃତ ପ୍ରେମ ଦୃଶ୍ୟମାନ ହେଉଥିଲା । ଏକଦା ମୁଁ ଆପଣ ଅ.ସଙ୍କୁ ଦୁଆ କରୁଥିବା ଏବଂ ଆପଣ ଅ.ସଙ୍କୁ କାନ୍ଦୁଥିବାର ଦେଖିଲି । ଆପଣ ଅ.ସ ଅତ୍ୟନ୍ତ ବେଦନାପୂର୍ବକ ଓ କାକୁତି ମିନତୀ ହୋଇ ନିଜର ପରମେଶ୍ୱ ଓ ନିଜର ପ୍ରିୟତମ ଈଶ୍ୱରଙ୍କୁ ଡାକୁଥିଲେ। ଆପଣ ଅ.ସ ବାରମ୍ବାର ଏହା କହୁଥିଲେ ଯେ, ହେ ମୋର ପ୍ରିୟ ଅଲ୍ଲାଃ ! ହେ ମୋର ପ୍ରିୟ ଅଲ୍ଲାଃ ! ଆପଣ ଅ.ସଙ୍କ ମୁଖରୁ ଏହି ବାଣୀ ନିସୃତ ହେଉଥିଲା......... ଆପଣ ଅ.ସ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ପ୍ରେମୀ ଥିଲେ ଓ ନିଜର ପାଳନକର୍ତ୍ତାଙ୍କର ମଧ୍ୟ ପ୍ରକୃତ ପ୍ରେମୀ ଥିଲେ । ଆପଣ ଅ.ସଙ୍କ ମୁଖ ଉପରେ ସେହି ପ୍ରେମର ଆଲୋକ ଉଦ୍ଭାସିତ ହେଉଥିଲା । ଆପଣ ଅ.ସଙ୍କ ତୁଣ୍ଡରୁ ସେହି ଆଲୋକ ନିଃସୃତ ହେଉଥିଲା, ଆପଣ ଅ.ସଙ୍କ ତୁଣ୍ଡରୁ ଆଲୋକର ଝରଣାମାନ ପ୍ରବାହିତ ହେଉଥିଲା । କିନ୍ତୁ ଯେଉଁ ଲୋକମାନଙ୍କର ଚକ୍ଷୁ ଥିଲା ସେମାନଙ୍କ ଚକ୍ଷୁ ଥାଇ ମଧ୍ୟ ସେମାନେ ଆପଣ ଅ.ସଙ୍କୁ ଦେଖି ପାରିଲେ ନାହିଁ (ଅର୍ଥାତ୍ ସେହି ପ୍ରତିଶୃତ ମସିହ୍ ଅ.ସଙ୍କୁ ଚିହ୍ନି ପାରିଲେ ନାହିଁ)(ହ. ନୱାବ୍ ମୁବାରକା ବେଗମ୍ ସାହେବା ର.ଅଙ୍କ ଦ୍ୱରା ବର୍ଣ୍ଣିତ ବର୍ଣ୍ଣନା) ।

---

ମୁଁ ଏହା ଦେଖୁଛି ଯେ, ଲୋକମାନେ ଯେତେବେଳେ ସଂସାରରୁ ଅବଚେତନ ହୋଇଯାଆନ୍ତି, ଯେତେବେଳେ ମୋର ବନ୍ଧୁ ଏବଂ ଶତ୍ରୁମାନଙ୍କୁ ଏହା ଜ୍ଞାତ ନଥାଏ ଯେ, ମୁଁ କେଉଁ ଅବସ୍ଥାରେ ରହିଛି ? ସେତେବେଳେ ତୁମ୍ଭେ ମୋତେ ଜାଗ୍ରତ କରାଇଥାଏ ଏବଂ ଅତି ପ୍ରେମର ସହିତ ମୋତେ ଏହା କହିଥାଅ ଯେ, ହେ ଭକ୍ତ ! ତୁମ୍ଭ ଦୁଃଖ ଏବଂ ପରିତାପ ପ୍ରକାଶ କର ନାହିଁ । ମୁଁ ତୁମ୍ଭ ସହିତ ଅଛି । ଅତଏବ୍ ଏହ ମୋର ପରମେଶ୍ୱର ଏ କିପରି ସମ୍ଭବ ଯେ, ସେହି ଉପାସକଙ୍କ ଥାଉ ଥାଉ ମୁଁ ତୁମ୍ଭକୁ ପରିତ୍ୟାଗ (ଛାଡ଼ିଦେବି) କରିଦେବି । କଦାପି ନୁହଁ । କଦାପି ନୁହଁ । (ହଜରତ୍ ମସିହ ମଉଦ୍ [ଅ.ସ])

---

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱରପ୍ରେମ

---

ନବ ବର୍ଷ ଉପଲକ୍ଷେ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ।

ହୁଜୁର  ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ସମସ୍ତେ ଦୁଆ କରନ୍ତୁ କି ଚଳିତ ବର୍ଷ ଆମ ସମସ୍ତଙ୍କ ନିମନ୍ତେ ଅସଂଖ୍ୟ କଲ୍ୟାଣ ଉନ୍ନତିର ବର୍ଷ ସାବ୍ୟସ୍ତ ହେଉ । ଅଲ୍ଲାଃତାଲା ବିରୋଧୀ ଏବଂ ଶତ୍ରୁମାନଙ୍କର ଯୋଜନାକୁ ଧୂଳିସାତ୍ କରି ଦିଅନ୍ତୁ ଓ ଜମାଅତ୍‌କୁ ପୂର୍ବାପେକ୍ଷା ଅଧିକ ଉନ୍ନତି ପ୍ରଦାନ କରନ୍ତୁ ।

---

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପଣନାତୁଣୀ ତଥା ସୟେଦ୍ ଅହମଦ୍ ନାସିର୍ ସାହେବଙ୍କ ପତ୍ନି ଶ୍ରୀମତି ରିହାନା ବାସ୍‌ମା ସାହେବା, ଲାଇବେରିୟାର ଜାତୀୟ ସଦର୍ ଲଜ୍‌ନା ଶ୍ରୀମତି ସ୍ୱର୍ଗତା ଇଫ୍ଫତ୍ ହଲିମ୍ ସାହେବା ଓ ମିସର୍‌ର ଶ୍ରୀଯୁକ୍ତ ଅବ୍‌ଦୁଲ୍ ଅଲିମ୍ ଅଲ୍ ବର୍ ବରି ସାହେବଙ୍କ ବିୟୋଗ ଓ ମୃତକ ତ୍ରୟଙ୍କର ଯନାଜାଃ ଗାଏବ୍ ।

---

02 Janury 2026 ମସିହା ଅନୁଯାୟୀ ୦୨ସୁଲାହ୍  ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

---

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَ رَسُوْلُهُ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ ଆଦର୍ଶର

"ଆପଣ ସ.ଅଙ୍କ ଈଶ୍ୱର ପ୍ରେମ" ସଂପର୍କରେ ମୁଁ କେତେକେ ପ୍ରସଙ୍ଗ ବର୍ଣ୍ଣନା କରିଥିଲେ । ସେହି କ୍ରମରେ ଆଜି ଏହାର ଅବଶିଷ୍ଟାଂଶ ବର୍ଣ୍ଣନା କରିବି । ସାଂପ୍ରତିକ କାଳରେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସଙ୍କ କୃତ୍ୟ ଏବଂ ନିଜର ପ୍ରିୟ ମୁନିବଙ୍କ ଆଜ୍ଞାବହତ୍ୱରେ ସେହି ଐଶୀ ପ୍ରେମର ଝଲକ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ସବୁ ଉଦାହରଣଗୁଡ଼ିକ ଆଜି ମଧ୍ୟ ବିଦ୍ୟମାନ ରହିଛି । ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରେମ ଯାହା ସର୍ବୋଚ୍ଚ ସ୍ତରୀୟ ପ୍ରେମ ଅଟେ ସେହି ପ୍ରେମ ଯୋଗୁଁ ଅଲ୍ଲାଃତାଲାଙ୍କ ଯେଉଁ କୃପା ଆପଣ ସ.ଅଙ୍କ ଉପରେ ହୋଇଥିଲା ଏବଂ ଈଶ୍ୱରଙ୍କ ସହିତ ଆପଣ ସ.ଅଙ୍କର ଯେଉଁ ପ୍ରେମ ସଂପର୍କ ରହିଥିଲା ତାହାକୁ ଲୋକମାନେ ମର୍ମେ ମର୍ମେ ଅନୁଭବ କରିପାରନ୍ତି । କିନ୍ତୁ ସେ ଯାହା ହେଉ ଅନ୍ୟ ଘଟଣାବଳୀ ବର୍ଣ୍ଣନା କରିବା ପୂର୍ବରୁ ହ. ମସିହ୍ ମଉଦ୍ ଅ.ସଙ୍କ ଭାଷାରେ ମୁଁ ସେହି ପ୍ରେମର ଚର୍ଚ୍ଚା କରିଦେଉଛି । ଏକ ସ୍ଥାନରେ ଆପଣ ଅ.ସ କହିଲେ: "ମୁଁ କିଛି କହିପାରିବି ନାହିଁ ଯେ, ମୁଁ କେଉଁ କର୍ମ ଥିଲା ଯଦ୍ୱାରାକି ଈଶ୍ୱରଙ୍କ କୃପା ମୋ ଉପରେ ହେଲା । ମୁଁ ନିଜ ମଧ୍ୟରେ କେବଳ ଏହା ଅନୁଭବ କରେ କି ସ୍ୱଭାବତଃ ମୋ ମନ ଈଶ୍ୱରଙ୍କ ଆଡ଼କୁ ବିଶ୍ୱସ୍ତତାର ଏକ ଆକର୍ଷଣ ରହିଛି ଏବଂ ଅନ୍ୟ କୌଣସି ବସ୍ତୁ ମୋତେ ଈଶ୍ୱର ପ୍ରେମ ପ୍ରାପ୍ତ କରିବାରୁ ଅଟକାଇ ପାରିବ ନାହିଁ । ତେଣୁ ଏହା ତାଙ୍କରି ଅବଦାନ ଓ ତାଙ୍କରି କୃପା ଅଟେ ।"

**(କିତାବୁଲ୍ ବରିୟାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-13, ପୃ-195-196, ବି.ଦ୍ର)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ ବିଗତ ଖୁତ୍‌ବାରେ ମଧ୍ୟ ଚର୍ଚ୍ଚା କରିଥିଲି ଯେ, ଆପଣ ସ.ଅ ଉକ୍ତ କଥାର ମଧ୍ୟ ପରିପ୍ରକାଶ ଏକ ସ୍ଥାନରେ କରିଥିଲେ ଯେ, ମୋତେ ଯାହାକିଛି ବି ମିଳିଛି ତାହା ଏଇଥି ପାଇଁ ଯେ, ମୁଁ ଅଲ୍ଲାଃତାଲାଙ୍କ ପ୍ରିୟତମ ଏବଂ ପ୍ରିୟାବତାର ନବୀ କରୀମ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତ୍ୱ ପ୍ରଦର୍ଶକାରୀ ଅଟେ ଏବଂ ମୁଁ ଆପଣ ସ.ଅଙ୍କୁ ପ୍ରେମ କରେ । ଏହି ପ୍ରେମ ଯୋଗୁଁ ଅଲ୍ଲାଃତାଲାଙ୍କ ପ୍ରେମର ଦ୍ୱାର ମଧ୍ୟ ମୋ ପାଇଁ ଉନ୍ମୁକ୍ତ (ଖୋଲାଗଲା) ହୋଇ ଚାଲିଲା ଏବଂ ଅଲ୍ଲାଃତାଲାଙ୍କ ପ୍ରେମ ଓ ତାହାଙ୍କ ବାର୍ତ୍ତାବହଙ୍କ ପ୍ରେମର ଅବବୋଧ ମଧ୍ୟ ମୋ ମଧ୍ୟରେ ସୃଷ୍ଟି ହେଲା । ଏତଦ୍‌ପରେ ଅଲ୍ଲାଃତାଲାଙ୍କ କୃପାବୃଷ୍ଟି ମୋ ଉପରେ ହୋଇ ଚାଲିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହୃଦୟର ଏହି ଅବସ୍ଥାର ଚର୍ଚ୍ଚା କରି ଏବଂ ଆପଣ ସ.ଅଙ୍କ ଜୀବନୀ ଚର୍ଚ୍ଚା କରି ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ର.ଅ ଏକ ସ୍ଥାନରେ ଉଲ୍ଲେଖ କରନ୍ତି: "ହ. ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରନ୍ତି ଯେ, اَلْمَسَاجِدُ مَكَانِيْ وَالصَّالِحُوْنَ اِخْوَانِيْ وَذِكْرُ اللهِ مَالِيْ وَخَلْقُ اللهِ عَيَالِيْ ଅର୍ଥାତ୍ ମୋ ଘର ମସ୍‌ଜିଦ୍ ଅଟେ। ସଦାଚାରୀମାନେ ମୋ ଭାଇ ଅଟନ୍ତି । ଅଲ୍ଲାଃତାଲାଙ୍କ ଚର୍ଚ୍ଚା ମୋର ଧନ ସମ୍ପତ୍ତି ଅଟେ ଓ ତାହାଙ୍କ ସୃଷ୍ଟି ପ୍ରାଣୀମାନେ ହେଉଛନ୍ତି ମୋର ପରିବାର ।"**(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ-ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଗ୍ରନ୍ଥଖଣ୍ଡ-3, ପୃ-402)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଉପରୋକ୍ତରେ ଯେଉଁସବୁ କଥା କହିଲେ, ତାହା ଅଲ୍ଲାଃତାଲାଙ୍କ ଚତୁର୍ପାର୍ଶ୍ୱରେ ଘୂର୍ଣ୍ଣନ କରୁଛନ୍ତି । ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି ଯେ,"ମୁଁ ପ୍ରତ୍ୟେକ ବସ୍ତୁ ଯଥା- ପତ୍ନି, ସନ୍ତାନ, ବନ୍ଧୁଙ୍କୁ ଅଲ୍ଲାଃତାଲାଙ୍କ ସକାଶେ ଭଲ ପାଉଛି । ଏମାନଙ୍କ ସହିତ ଯେଉଁ ସଂପର୍କ ରହିଛି ତାହା ଅଲ୍ଲାଃତାଲାଙ୍କ ସକାଶେ ରହିଛି ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-423, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ହିଁ ହେଉଛି ସେହି ଶିକ୍ଷା ଯେଉଁ ଶିକ୍ଷା ଅଲ୍ଲାଃତାଲା ଆମମାନଙ୍କୁ ପ୍ରଦାନ କରିଛନ୍ତି ପୁନଶ୍ଚ ଆଁହଜରତ ସ.ଅ କହିଲେ, ଏହି ଶିକ୍ଷାକୁ ସଂପ୍ରସାରିତ କର । ଏହାର ସର୍ବାଧିକ ପରିପ୍ରକାଶ ସାଂପ୍ରତିକ କାଳରେ ଆପଣ ସ.ଅଙ୍କ ଆଜ୍ଞାବହତ୍ୱରେ ହ. ମସିହ୍ ମଉଦ୍ ଅ.ସଙ୍କ କୃତ୍ୟ ମାଧ୍ୟମରେ ହୋଇଥାଏ । ଅତଏବ୍ ଏକ ସ୍ଥାନରେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସତ୍ୟବାଦୀମାନେ ତ' ବିପତ୍ତି ଏବଂ ପରୀକ୍ଷା ସମୟରେ ମଧ୍ୟ ଅବିଚଳ ରହିଥାଆନ୍ତି। ସେମାନେ ଏହା ଜାଣନ୍ତି ଯେ, ଶେଷରେ ପ୍ରଭୁ ଆମମାନଙ୍କୁ ସାହାଯ୍ୟ ଓ ସମର୍ଥନ ଜଣାଇବେ । ଯଦିଓ ଏହି ବିନୀତ ଏପରି ପୂର୍ଣ୍ଣ ପ୍ରକୃତ ବନ୍ଧୁମାନଙ୍କ ଅସ୍ତିତ୍ୱ ଦ୍ୱାରା ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରୁଛି । କିନ୍ତୁ ଏସବୁ ସତ୍ତ୍ୱେ ଏହି ବିଶ୍ୱାସ ମଧ୍ୟ ରହିଛି ଯେ, ଯଦି ଜଣେ ବ୍ୟକ୍ତି ବି ମୋ ସହିତ ନରହେ ଏବଂ ସମସ୍ତେ ମୋତେ ଛାଡ଼ି ଚାଲି ଯାଆନ୍ତି ତେବେ ମଧ୍ୟ ମୁଁ ଭୟଭୀତ ହେବି ନାହିଁ । ମୁଁ ଏକଥା ଜାଣେ ଯେ, ଈଶ୍ୱର ମୋ ସହିତ ଅଟନ୍ତି । ଯଦି ମୋତେ ପେଷି ଦିଆଯାଏ, ମୋତେ ପାଦ ତଳେ ଦଳି ଚକଟି ଦିଆଯାଏ ଏବଂ ପ୍ରତ୍ୟେକଟି କଣିକା ମାଧ୍ୟମରେ ମୁଁ ଅତୀ ତୁଚ୍ଛ ହୋଇଯାଏ ଏବଂ ପ୍ରତ୍ୟେକ ପାର୍ଶ୍ୱରୁ ମୁଁ ଗାଳି ଗୁଲଚ ସହ୍ୟ କରେ ଏବଂ ଅଭିଶାପର ଶିକାର ସମ୍ମୁଖୀନ ହୁଏ ତେବେ ସେପରିପ୍ରେକ୍ଷୀରେ ମଧ୍ୟ ମୁଁ ସାଫଲ୍ୟମଣ୍ଡିତ ହେବି । ଯେଉଁ ବ୍ୟକ୍ତି ମୋ ସହିତ ଅଛି ସେହି ବ୍ୟକ୍ତି ବ୍ୟତୀତ ମୋତେ ଆଉ କେହି ଚିହ୍ନି ନାହିଁ । ମୁଁ କଦାପି ନଷ୍ଟ ହେବି ନାହିଁ । ଶତ୍ରୁମାନଙ୍କର ପ୍ରଚେଷ୍ଟା ନିରର୍ଥକ ଅଟେ ଏବଂ ବିଦ୍ୱେଷକାରୀମାନଙ୍କର ଯୋଜନା ଅପହଞ୍ଚ ଏବଂ ନିରର୍ଥକ ଅଟେ । ସେମାନେ ଯେଉଁ ଯୋଜନା କରୁଛନ୍ତି ତହିଁରୁ ସେମାନଙ୍କୁ କିଛି ବି ଫଳ ପ୍ରାପ୍ତ ହେବ ନାହିଁ । ହେ ଅବୋଧ ! ହେ ଅନ୍ଧ ଲୋକମାନେ! ମୋ ପୂର୍ବରୁ କେଉଁ ସତ୍ୟବାଦୀ ନଷ୍ଟ ହୋଇଛି ଯେ, ମୁଁ ନଷ୍ଟ ହବୋଇଯିବି ? ହେ ଅବୋଧ ! ହେ ଅନ୍ଧ ଲୋକମାନେ ! ମୋ ପୂର୍ବରୁ କେଉଁ ସତ୍ୟନିଷ୍ଠ ଏବଂ ବିଶ୍ୱସ୍ତ ଭକ୍ତଙ୍କୁ ଈଶ୍ୱର ତିରସ୍କାରର ସହିତ ଧ୍ୱଂସ କରିଦେଲେ ଯେ, ମୋତେ ଧ୍ୱଂସ କରିଦେବେ ? ନିଃସନ୍ଦେହ ରୂପେ ତୁମେମାନେ ଏକଥା ମନେରଖ ଏବଂ କାନ ଖୋଲି ଶୁଣିନିଅ ଯେ, ମୋର ଆତ୍ମା ଧ୍ୱଂସମୟ ଆତ୍ମା ନୁହେଁ ଏବଂ ମୋ ଜାତକରେ ଅସଫଳତାର ଖମିର ନାହିଁ । ମୋତେ ସେହି ସତ୍‌ସାହସ ଏବଂ ସତ୍ୟନିଷ୍ଠତା ପ୍ରଦାନ କରାଯାଇଛି ଯେଉଁ ସତ୍ୟନିଷ୍ଠତା ଏବଂ ସତ୍‌ସାହସ ସମ୍ମୁଖରେ ପର୍ବତ ତୁଚ୍ଛ ଅଟେ । ମୁଁ କାହାକୁ ଭ୍ରୁକ୍ଷେପ କରୁ ନାହିଁ । ମୁଁ ଏକୁଟିଆ ଥିଲି ଏବଂ ଏକୁଟିଆ ରହିବା ଯୋଗୁଁ ରୁଷ୍ଟ ହେବି ନାହିଁ। କ'ଣ ଈଶ୍ୱର ମୋତେ ଛାଡ଼ିଦେବେ ? କାଦାପି ନୁହଁ । ସେ ମୋତେ କେବେ ବି ଛାଡ଼ିବେ ନାହିଁ। କ'ଣ ଈଶ୍ୱର ମୋତେ ନଷ୍ଟ କରିଦେବେ ? ଈଶ୍ୱର ମୋତେ କେବେ ବି ଛାଡ଼ି । କ'ଣ ସେ ମୋତେ ନଷ୍ଟ କରିଦେବେ ? କଦାପି ନୁହଁ । ସେ ମୋତେ କେବେ ବି ନଷ୍ଟ ହେବାକୁ ଦେବେ ନାହିଁ । (ମୋର) ଶତ୍ରୁମାନେ ତିରସ୍କୃତ ହେବେ ଏବଂ ଈର୍ଷାଳୁମାନେ ଅନୁତପ୍ତ ଲଜ୍ଜିତ ହେବେ ଏବଂ ଈଶ୍ୱର ନିଜର ଭକ୍ତମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବେ । ମୁଁ ତାଙ୍କ ସହିତ ଏବଂ ସେ ମୋ ସହିତ ଅଛନ୍ତି। କୌଣସି ବସ୍ତୁ ଆମମାନଙ୍କର ସଂପର୍କ (ସଂଶ୍ଳୀଷ୍ଟତା)କୁ ଭାଙ୍ଗି ପାରିବ ନାହିଁ । ମୁଁ ତାହାଙ୍କ (ଈଶ୍ୱରଙ୍କ) ଯଶ ଏବଂ ସମ୍ମାନ ଓ ତାହାଙ୍କ ପ୍ରତାପର ଶପଥ କରି କହୁଛି ଯେ, ସଂସାରରେ ଏବଂ ଶେଷ ଦିବସରେ ଏହା ଅପେକ୍ଷା ମୋତେ ଅନ୍ୟ କୌଣସି ବସ୍ତୁ ଅଧିକ ପ୍ରିୟ ଲାଗୁ ନାହିଁ । କିନ୍ତୁ ତାହାଙ୍କ (ଈଶ୍ୱରଙ୍କ) ପ୍ରତାପ ଏବଂ ତାହାଙ୍କ ମର୍ଯ୍ୟାଦା ଓ ସମ୍ମାନ ପ୍ରକଟିତ ହେବା ମୋର ସର୍ବାଧିକ ପ୍ରିୟ ଅଟେ । ମୁଁ ଏହା ପସନ୍ଦ କରୁଛି ଯେ, ଈଶ୍ୱରଙ୍କ ଯଶ, ତାହାଙ୍କ ପ୍ରତାପ ଆଲୋକିତ ହେଉ ଓ ତାହାଙ୍କର ଯଶୋଗାନ ହେଉ। ଈଶ୍ୱରଙ୍କ ଜୟ ଜୟକାର ହେଉ । ସେ ପଛେ କୋଟି କୋଟି ବିପତ୍ତି ଏବଂ ପରୀକ୍ଷା ହେଉ ନାହିଁ କିହିଁକି କିନ୍ତୁ ଯେପର୍ଯ୍ୟନ୍ତ ତାହାଙ୍କର କୃପା ମୋ ଉପରେ ହୋଇ ଯାଇ ନାହିଁ ସେପର୍ଯ୍ୟନ୍ତ ମୁଁ ଭୟଭୀତ ହେବେ ନାହିଁ ........ପରୀକ୍ଷା ଏବଂ ବିପତ୍ତିର ଭୂମିରେ (ଈଶ୍ୱର) ମୋତେ ଶକ୍ତି ପ୍ରଦାନ କରାଯାଇଛି (କରିଛନ୍ତି) ।"

ହୁଜୁର ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ନିଜର ଏକ ଫାର୍ସି କବିତାରେ କୁହନ୍ତି:

"من نہ آنستم کہ روز جنگ بینی پشت من
آں منم کاندر میان خاک و خوں بینی سرے"

**ଅନୁବାଦ:** ମୁଁ ସେହି ବ୍ୟକ୍ତି ନୁହେଁ ଯେ, ଯୁଦ୍ଧ ଦିନ ତୁମେମେମାନେ ମୋର ପିଠିକୁ ଦେଖିବ । ବରଂ ମୁଁ ହେଉଛି ସେହି ବ୍ୟକ୍ତି ଯାହାର ମୁଣ୍ଡକୁ ତୁମେମାନେ ମାଟି ଏବଂ ରକ୍ତ ମଧ୍ୟରେ ଥିବାର ଦେଖିବ । ଆପଣ ଅ.ସ କୁହନ୍ତି ଯେ, ଈଶ୍ୱରଙ୍କ ପ୍ରେମରେ ଏ ହେଉଛି ମୋର ଅବସ୍ଥା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଜମାଅତ୍‌କୁ ସମ୍ବୋଧିତ କରି କୁହନ୍ତି: "ଯଦି କୌଣସି ବ୍ୟକ୍ତି ମୋର ପଦାଙ୍କ ଅନୁସରଣ କରିବାକୁ ଚାହୁଁ ନାହିଁ ତେବେ ସେହି ବ୍ୟକ୍ତି ମୋ ଠାରୁ ପୃଥକ୍ ହୋଇଯାଉ । କଷ୍ଟ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ହିଁ ପଡ଼ିବ । ମୋତେ କ'ଣ ବା ଜଣା ଯେ, ମୁଁ ବର୍ତ୍ତମାନ କେଉଁ କେଉଁ ଭୟଙ୍କର ବଣ ଜଙ୍ଗଲ ଏବଂ କଣ୍ଟକିତ ମରୁଭୂମିର ସମ୍ମୁଖୀନ ହେବି । ସେହି ବଣଜଙ୍ଗଲ ଏବଂ ସେହି ମରଭୂମିକୁ ମୁଁ ଅତିକ୍ରମ କରିବି...........? ଆପଣ ଅ.ସ ପୁନଶ୍ଚ କହିଲେ, "କ'ଣ ମୁଁ ଭୂମିକମ୍ପ ଠାରୁ ଡରିଯିବି କି ? କ'ଣ ମୁଁ ଈଶ୍ୱରଙ୍କ ମାର୍ଗରେ ବିପତ୍ତି ଠାରୁ ଭୟଭୀତ ହୋଇଯିବି କି ? କ'ଣ ମୁଁ ନିଜର ପ୍ରିୟ ଈଶ୍ୱରଙ୍କ କୌଣସି ପରୀକ୍ଷା ଏବଂ ଏବଂ ବିପତ୍ତି ଠାରୁ ପୃଥକ୍ ହୋଇପାରିବି କି ?"

**(ଅନ୍‌ୱାରୁଲ୍ ଉଲୁମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-9, ପୃ-23-24)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ବର୍ଣ୍ଣନା କରିଛିନ୍ତି । ସେହି ବର୍ଣ୍ଣନାରେ ଆପଣ ର.ଅ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଏବଂ ତାହାଙ୍କ ଧର୍ମ ସକାଶେ ବଳିଦାନର ଉତ୍ସାହର ଚର୍ଚ୍ଚା କରି ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି: ମୌଲବୀ ସରୱର୍ ଶାହ୍ ସାହେବ ମୋତେ ଏହି ବର୍ଣ୍ଣନାଟି ପ୍ରଦାନ କହିଲେ,"ମୁଁ ଯେତେବେଳେ ଗୁର୍ଦାସପୁର ଠାରେ ଥିଲି । ଯେଉଁ ଦିନରେ ମୁଁ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଗୁର୍ଦାସପୁର ଠାରେ କରମ୍ ଦିନ ସହିତ ମୋର ମକଦ୍ଦମା ଥିଲା ଏବଂ ମାଜିଷ୍ଟ୍ରେଟ୍ ମୋତେ ହାଜର ହେବା ନିମନ୍ତେ ତାରିଖ ଦେଇଥିଲା । ସେହି ଧାର୍ଯ୍ୟ ତାରିଖରେ ମୁଁ ଯେତେବେଳେ ହାଜର୍ ହେଲି ସେତେବେଳେ ହ. ସାହେବ୍ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ କାଦିୟାନ୍ ଆସିଥିଲେ । ଅତଏବ୍ ଆପଣ ଅ.ସ ତାରିଖର ଦୁଇ ଦିନ ପୂର୍ବେ ମୋତେ ଗୁର୍ଦାସପୁର ପଠାଇଲେ । କାରଣ ମୁଁ ସେଠାକୁ ଯାଇ କେତେକ ପ୍ରାମାଣ୍ୟମାନ କାଢି (ବାହାର) କରି ପ୍ରସ୍ତୁତ ରଖିବି । କାରଣ ପରବର୍ତ୍ତୀ ଶୁଣାଣିରେ ପ୍ରାମାଣ୍ୟମାନ ଉପସ୍ଥାପିତ ହେବାର ଥିଲା । ହୁଜୁର ଅ.ସ ମୋ ସହିତ ଶେଖ୍ ହାମିଦ୍ ଅଲୀ ଏବଂ ଅବ୍ଦୁର୍ ରହିମ୍ ବାୱର୍ଚି (ରୋଷେୟା)କୁ ମଧ୍ୟ ଗୁର୍ଦାସପୁର ପ୍ରେରଣ କଲେ। ଯେତେବେଳେ ଆମେମାନେ ଗୁର୍ଦାସପୁର୍ ସ୍ଥିତ ବାସଭବନକୁ ଆସିଲୁ ସେତେବେଳେ ତକୁ ସ୍ୱର୍ଗତ ଡାକ୍ତର ଇସ୍ମାଇଲ୍ ଖାନ୍ ସାହେବଙ୍କୁ ଡାକ ଦେଲୁ । ସେ ସେଠାରେ ଉପସ୍ଥିତ ଥିଲେ କି ସେ ତଳକୁ ଆସିଲେ ଏବଂ କବାଟ ଖୋଲିଲେ । ଡାକ୍ତର ସାହେବ ମହୋଦୟ ସେତେବେଳେ ବାସ ଭବନର ଉପର ମହଲାରେ ଅବସ୍ଥାନ କରିଥିଲେ। ଆମେମାନେ ଯେତେବେଳେ ଡାକ୍ତର ସାହେବଙ୍କୁ ଡାକ ମାରିଲୁ ସେତେବେଳେ ଡାକ୍ତର ସାହେବ ବିଚଳିତ ହୋଇ କାନ୍ଦିବା ଏବଂ ଚିତ୍କାର କରିବା ଆରମ୍ଭ କରିଦେଲେ। ଆମେମାନେ ଅନେକ ଥର ଡାକ ମାରିଲୁ । କିନ୍ତୁ ମହୋଦୟ ସେହିପରି କାନ୍ଦୁଥିଲେ । ପରିଶେଷରେ କିଛି ସମୟ ପରେ ସେ ନିଜର ଅଶ୍ରୁ (ଲୁହ) ପୋଛି ତଳକୁ ଆସିଲେ । ଯେତେବଳେ ଆମେମାନେ ମହୋଦୟଙ୍କୁ କାନ୍ଦିବାର କାରଣ ପଚାରିଲୁ ସେତେବେଳେ ମହୋଦୟ କହିଲେ, ମୋ ପାଖକୁ ମୁହମ୍ମଦ୍ ମୁନ୍ସୀ ଆସିଥିଲା । ସେହି ଅଣଅହମଦି ବ୍ୟକ୍ତି ଜଣକ ଅଦାଲତ୍‌ରେ ମୁନ୍ସୀ ଥିଲା । ମୌଲବୀ ସାହେବ କହୁଥିଲେ ଯେ, ମୁନସୀ ମୁହମ୍ମଦ୍ ହୁସେନ୍ ଗୁର୍ଦାସପୁରର କଚେରୀ ଠାରେ ମୋହରିର୍ କିମ୍ବା ନାମ ଉପସ୍ଥାପନକାରୀ ବ୍ୟକ୍ତି ଥିଲା । ସେ ଜମାଅତ୍‌ର ଘୋର ବିରୋଧୀ ଥିଲା ଏବଂ ସେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୱୀଙ୍କୁ ସାକ୍ଷାତ୍ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା। ସେ ଯାହା ହେଉ ଡାକ୍ତର ସାହେବ ଉପରୁ ତଳକୁ ଆସି ବର୍ଣ୍ଣନା କଲେ ଯେ, ହୁଜୁର୍! ମୁନ୍ସୀ ମୁହମ୍ମଦ୍ ହୁସେନ୍ ଆସିଲା ଏବଂ ସେ ମୋତେ କହିଲା, ଡାକ୍ତର ସାହେବ ! ଆଜିକାଲି ଏଠାରେ ଆର୍ଯ୍ୟମାନଙ୍କର ଏକ ଜଲ୍‌ସା ହେଉଛି। କେତେକ ଆର୍ଯ୍ୟମାନେ ନିଜର ବନ୍ଧୁମାନଙ୍କୁ ମଧ୍ୟ ଜଲସାକୁ ନେଇ ଯାଇଥିଲେ । ସୁତରାଂ ଏହିପରି ମୁଁ ମଧ୍ୟ ସେଠାକୁ ଅର୍ଥାତ୍ ଜଲ୍‌ସାକୁ ନିଜର ଜଣେ ବନ୍ଧୁଙ୍କ (ସାଙ୍ଗଙ୍କ ସହିତ) ଚାଲିଗଲି । ଜଲ୍‌ସାର କାର୍ଯ୍ୟକ୍ରମ ପରେ ଆୟୋଜକ ଘୋଷଣା କଲା କି ବର୍ତ୍ତମାନେ ଜଲ୍‌ସାର କାର୍ଯ୍ୟକ୍ରମ ସମାପ୍ତ ହୋଇ ସାରିଛି । ବର୍ତ୍ତମାନ ସାଧାରଣ ଲୋକମାନେ ଚାଲି ଯାଆନ୍ତୁ। ଆମେମାନେ (ଆୟୋଜକ) କିଛି ବ୍ୟକ୍ତିଗତ କଥାବାର୍ତ୍ତା କରିବୁ । ସୁତରାଂ ସମସ୍ତେ ଲୋକମାନେ ଛିଡ଼ା ହୋଇ ପଡ଼ିଲେ । ମୁଁ ମଧ୍ୟ ଯିବା ନିମନ୍ତେ ବାହାରିଲି (ଅର୍ଥାତ୍ ଜଲ୍‌ସାରୁ ଫେରିବାକୁ ଚାହିଁଲି) । କିନ୍ତୁ ମୋର ଆର୍ଯ୍ୟ ବନ୍ଧୁ ଜଣକ ମୋତେ କହିଲେ, ଆରେ ରୁହ ଆମେ ଦି ଜଣ ଏକାଠି ଯିବୁ । ଆପଣ ଗୋଟିଏ ପାର୍ଶ୍ୱ ହୋଇ ବସି ଯାଆନ୍ତୁ କିମ୍ବା ବାହାରେ ଅପେକ୍ଷା କରନ୍ତୁ । ସୁତରାଂ ମୁଁ ସେଠାରେ ଗୋଟିଏ ପାର୍ଶ୍ୱ ହୋଇ ବସିଗଲି । ମୁହମ୍ମଦ୍ ହୁସେନ୍ (ଉକ୍ତ ବ୍ୟକ୍ତି ଜଣକ ଅଣଅହମଦି ଅଟନ୍ତି) କୁହନ୍ତି, ଆର୍ଯ୍ୟମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଛିଡ଼ା ହେଲା ଏବଂ ସେ ମାଜିଷ୍ଟ୍ରେଟ୍‌ଙ୍କୁ ମିର୍ଜା ସାହେବଙ୍କ ନାମ ନେଇ କହିବାକୁ ଲାଗିଲା ଯେ, ମାଜିଷ୍ଟ୍ରେଟ୍ ସାହେବ ଏହି ବ୍ୟକ୍ତି ଜଣକ ଆମର ଘୋର ଶତ୍ରୁ ଅଟୁ ଏବଂ ଆମର ନେତା ପଣ୍ଡିତ ଲେଖରାମଙ୍କର ହତ୍ୟାକାରୀ ଅଟେ । ବର୍ତ୍ତମାନ ସେ ଆପଣଙ୍କ ହାତ ମୁଠାରେ ଅଛି ଏବଂ ଆପଣଙ୍କର ଶିକାର ଅଟେ ଏବଂ ସମଗ୍ର ଜାତି ଦୃଷ୍ଟି ଆପଣଙ୍କ (ମାଜିଷ୍ଟ୍ରେଟଙ୍କ) ଆଡ଼କୁ ରହିଛି । ଯଦି ଆପଣ ଉକ୍ତ ଶିକାରକୁ ହାତ ଛଡ଼ କଲେ ତେବେ ଆପଣ ଜାତିର ଶତ୍ରୁ ବିବେଚିତ ହେବେ । ସେହି ବ୍ୟକ୍ତି ଜଣକ ଏହି ପ୍ରକାରର ଉତ୍ତେଜକ କଥା କହିଲା । ପ୍ରତ୍ୟୁତ୍ତରରେ ମାଜିଷ୍ଟ୍ରେଟ୍ ସାହେବ କହିଲା, ମୋର ତ' ପୂର୍ବରୁ ହିଁ ଏହି ଧାରଣା ରହିଛି ଯେ, ମୁଁ କେବଳ ମିର୍ଜା ଗୁଲାମ୍ ଅହମଦକୁ ନୁହେଁ ବରଂ ଏହି ମକଦ୍ଦମାରେ ଯେତେଜଣ ତାଙ୍କର ସାଥିମାନେ ଓ ସାକ୍ଷୀମାନେ ଅଛନ୍ତି ସେମାନଙ୍କୁ ନର୍କଗାମୀ କରାଇଦେବି । କିନ୍ତୁ କ'ଣ ହେବ ମକଦ୍ଦମା ଏପରି ଚତୁରତାର ସହିତ ସମ୍ପାଦାନ କରାଯାଉଛି ଯେ, କିଛି ବି ହାତ ମାରିବା (ପକାଇବା)ର ସୁଯୋଗ ମିଳୁ ନାହିଁ । କିନ୍ତୁ ବର୍ତ୍ତମାନ ମୁଁ ଏହି ପ୍ରତିଜ୍ଞା କରୁଛି ଯେ, ସେ ଯାହା ହୋଇଯାଉ ନା କାହିଁକି ପ୍ରଥମ ଶୁଣାଣୀରେ ହିଁ ଅଦାଲତ୍‌ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି । ମୌଲବୀ ସାହେବ କୁହନ୍ତି ଯେ, ଡାକ୍ତର ସାହେବ ବର୍ଣ୍ଣନା କରୁଥିଲେ ଯେ, ମୁହମ୍ମଦ୍ ହୁସେନ୍ ସାହେବ ମୋତେ କହୁଥିଲା ଯେ, ଡାକ୍ତର ସାହେବ ! ଆପଣ ବୁଝି ପରିବେ ନାହିଁ ଯେ, ଅଦାଲତର କାର୍ଯ୍ୟାନୁଷ୍ଠାନରୁ କ'ଣ ଯଥାର୍ଥ ଅଟେ ? ଏହାର ଅର୍ଥ ଏହିକି ଯେ, ପ୍ରତ୍ୟେକ ମାଜିଷ୍ଟ୍ରେଟ୍‌କୁ ଏହି କ୍ଷମତା ପ୍ରାପ୍ତ ହୋଇଥାଏ ଯେ, ସେ ପ୍ରାରମ୍ଭରେ ଏକିମ୍ବା ମକଦ୍ଦମା ସମୟରେ ଯେତେବେଳେ ଚାହିଁବ ସେତେବେଳେ ଦୋଷୀର ଜାମିନ୍ ଆବେଦନ ଗ୍ରହଣ ନକରି ଗିରଫ କରି ଜେଲକୁ ପଠାଇ ଦେଇଥାଏ । ମୁହମ୍ମଦ୍ ହୁସେନ୍ ମୋତେ (ଡାକ୍ତର ସାହେବ) କହିଲା, ଡାକ୍ତର ସାହେବ ! କ'ଣ ଆପଣ ଜାଣନ୍ତି ଯେ, ମୁଁ ଆପଣଙ୍କ ସଂପ୍ରଦାୟର ଘୋର ବିରୋଧୀ ଅଟେ ? ମୁଁ ମୌଲବୀ ମୁହମ୍ମଦ୍ ହୁସେନର ଅନୁଗାମୀ ଥିଲି ଓ ବିରୋଧୀ ମଧ୍ୟ ଥିଲି । ମୋର ନାମ ମଧ୍ୟ ମୌଲବୀ ମୁହମ୍ମଦ୍ ହୁସେନ୍ ନାମ ସହିତ ସମାନ ଥିଲା। କିନ୍ତୁ ମୋ ମଧ୍ୟରେ ଏକଥା ସ୍ପଷ୍ଟ ଥିଲା ଯେ, ମୁଁ କୌଣସି ସମ୍ମାନସ୍ପଦ ବଂଶକୁ ତିରସ୍କୃତ ଓ ଧ୍ୱଂସ ହେଉଥିବାର ବିଶେଷ କରି ହିନ୍ଦୁମାନଙ୍କ ହାତରୁ ତିରସ୍କୃତ ପାଉଥିବାର ଦେଖି ପାରିବି ନାହିଁ । ମୁଁ ଜାଣେ ଯେ, ମିର୍ଜା ସାହେବଙ୍କର ବଂଶ ଗୁର୍ଦାସପୁର ଜିଲ୍ଲାରେ ସର୍ବାଧିକ ସମ୍ମାନିତତଥା ସମ୍ମାନସ୍ପଦ ଅଟେ । ତେଣୁ ମୁଁ ଆପଣଙ୍କୁ ଉକ୍ତ ସୂଚନା ପ୍ରଦାନ କରି ଦେଉଛି ଏବଂ ଆପଣଙ୍କୁ ମୋର ଅନୁରୋଧ କି ଆପଣ ଏହାର ବିହିତ ବ୍ୟବସ୍ଥା କରି ନିଅନ୍ତୁ । ମୋ ମତରେ ସେ ପୁନଃ ନିଜର ଚିନ୍ତାଧାର ବ୍ୟକ୍ତ କଲା ଯେ, ମୁଁ ଦୁଇଟି ପ୍ରସ୍ତାବ ଦେଉଛି । 1- ଆପଣ ଏଠାରୁ ନିଜର ମକଦ୍ଦମା ଚିଫ୍ କୋର୍ଟକୁ ସ୍ଥାନାନ୍ତରିତ କରିବା ପାଇଁ ଉଦ୍ୟମ କରନ୍ତୁ । (ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି କାଳରେ ହାଇକୋର୍ଟକୁ ଚିଫ୍ କୋର୍ଟ କୁହାଯାଉଥିଲା) । 2- ଯେକୌଣସି ମତେ ହେଉ ମିର୍ଜା ସାହେବ ଆସନ୍ତା ଶୁଣାଣିରେ ମିର୍ଜା ସାହେବ ଅଦାଲତ୍‌ରେ ଉପସ୍ଥିତ ନହୁଅନ୍ତୁ ଓ ଡାକ୍ତରୀ ସାର୍ଟିଫିକେଟ୍ ଉପସ୍ଥାପିତ କରି ଦିଅନ୍ତୁ । ମୌଲବୀ ସାହେବ ବର୍ଣ୍ଣନା କଲେ ଯେ, ଡାକ୍ତର ସାହେବ ଯେତେବେଳେ ଉକ୍ତ ଘଟଣା ଶୁଣିଲେ ସେତେବେଳେ ଆମେମାନେ ମଧ୍ୟ ଅତ୍ୟନ୍ତ ଭୟଭୀତ ହୋଇଗଲୁ । ଆମେମାନେ ଏହି ନିଷ୍ପତ୍ତି ନେଲୁ ଯେ, ସେହି ମୁହୂର୍ତ୍ତରେ କାଦିୟାନ୍ କୌଣସି ଲୋକକୁ ପ୍ରେରଣ କରିଦିଆଯାଉ ଯିଏ ହଜରତ୍ ସାହେବଙ୍କୁ ଉକ୍ତ ଉକ୍ତ ଘଟଣା ସଂପର୍କରେ ଅବଗତ କରାଇଦେବ । ରାତି ହୋଇ ସାରିଥିଲା। ଆମେମାନେ ଇକ୍କା (ଘୋଡ଼ାଗାଡ଼ି) ଖୋଜିଲୁ ଅବା ଘୋଡ଼ା ଖୋଜିଲୁ । ଅନେକ ଘୋଡ଼ାଗାଡ଼ି ଉପଲବ୍ଧ ଥିଲା । ବିରୋଧ ଏତେ ଥିଲା ଯେ, କୌଣସି ଘୋଡ଼ାଗାଡ଼ି ମିଳୁ ନଥିଲା । କିଛି ବି ବାହନ ମିଳୁ ନଥିଲା । କେହି ଯିବାକୁ ହଁ କହିଲା ନାହିଁ । ସମସ୍ତେ ଯିବାକୁ ଅସ୍ୱୀକାର କରୁଥିଲେ । ଆମେମାନେ 4 ଗୁଣା ଭଡ଼ା ଦେବା ନିମନ୍ତେ ମଧ୍ୟ କହିଲୁ । କିନ୍ତୁ କୌଣସି ଘୋଡ଼ାଗାଡ଼ି ଚାଳକ ରାଜି ହେଲା ନାହିଁ। ପରିଶେଷରେ ଆମେ ଶେଖ୍ ହାମିଦ୍ ଅଲୀ ଏବଂ ଅବ୍ଦୁର୍ ରହିମ ବାୱର୍ଚି (ରୋଷେୟା) ଓ ତୃତୀୟ ବ୍ୟକ୍ତିଙ୍କୁ କାଦିୟାନ ପାଦରେ ପ୍ରେରଣ କଲୁ । ସେମାନେ ସକାଳ ନମାଜ୍ ସମୟରେ କାଦିୟାନ୍ ଠାରେ ପହଞ୍ଚିଲେ ଏବଂ ହ. ସାହେବ ଅ.ସଙ୍କ ସହିତ ସଂକ୍ଷିପ୍ତ କଥାବାର୍ତ୍ତା ମଧ୍ୟ କଲେ । ହୁଜୁର ଅ.ସ କିଛି ଭ୍ରୂକ୍ଷେପହୀନ ବା ବେପରୱା ଭାବରେ କହିଲେ, ହଉ ଛାଡ଼ ଆମେ ବଟାଲା ଯିବା । ହ. ମସିହ୍ ମଉଦ୍ ଅ. ତାଙ୍କୁ କହିଲେ, ଖ୍ୱାଜା ସାହେବ ଏବଂ ମୌଲବୀ ମୁହମ୍ମଦ ଅଲୀ ସାହେବ ଲାହୋରରୁ ଫେରିବା ବାଟରେ ଆମକୁ ସେଠାରେ ଦେଖା କରିବେ । ଖ୍ୱାଜା ସାହେବ ଏବଂ ମୌଲବୀ ମୁହମ୍ମଦ୍ ଅଲୀ ସେଠାକୁ ଅର୍ଥାତ୍ ଲାହୋରରୁ ଆସୁଛନ୍ତି । ସେହିଠାରେ ହିଁ ଭେଟ ହେବେ । ସେମାନଙ୍କୁ ଏହି ସମସ୍ତ କଥା କହିବୁ ଓ ଚର୍ଚ୍ଚା କରିବୁ ଏବଂ ସେଠାରେ ଜଣା ପଡ଼ିଯିବ ଯେ, ମକଦ୍ଦମା ସ୍ଥାନନ୍ତରିତର ଚେଷ୍ଟାର କ'ଣ ହେଲା (ଫଳାଫଳ ହେଲା) ? ମାଜିଷ୍ଟ୍ରେଟ୍‌ର ପକ୍ଷପାତିତାକୁ ଅନୁଭବ କରି ଓକିଲମାନେ ପୂର୍ବରୁ ହିଁ ଅନ୍ୟ ଅଦାଲତ୍‌ରେ ମକଦ୍ଦମା ସ୍ଥାନାନ୍ତରିତ କରିବା ନିମନ୍ତେ ଚିଫ୍ କୋର୍ଟରେ ଆବେଦନ ଦେଇଥିଲେ ।" ସୁତରାଂ ସେହି ଦିନ ହୁଜୁର ଅ.ସ ବଟାଲା ଚାଲି ଆସିଲେ । ଗାଡ଼ିରେ ମୌଲବୀ ମୁହମ୍ମଦ ଅଲୀ ସାହେବ ଏବଂ ଖ୍ୱାଜା ସାହେବ ମଧ୍ୟ ମିଳିଗଲେ (ଭେଟ ହୋଇଗଲେ)। ସେମାନେ ଏହି ସୂଚନା ଦେଲେ ଯେ, ଅନ୍ୟ କୋର୍ଟକୁ ମକଦ୍ଦମା ସ୍ଥାନାନ୍ତରଣ ହେବା ସଫଳ ହୋଇ ପାରିଲା ନାହିଁ । ଏହାପରେ ହ. ସାହେବ ଗୁର୍ଦାସପୁର ଚାଲି ଆସିଲେ ଏବଂ ବାଟରେ ଖ୍ୱାଜା ସାହେବ ଓ ମୌଲବୀ ସାହେବଙ୍କୁ ଉକ୍ତ ଘଟଣାର କୌଣସି ସୂଚନା ଦେଲେ ନାହିଁ । ଆପଣ ଏଥି ସଂକ୍ରାନ୍ତରେ କୌଣସି କଥାବାର୍ତ୍ତା ହେଲେ ନାହିଁ। କ'ଣ ଖବର ପହଞ୍ଚିଲା ? ଆପଣ ଯେତେବେଳେ ଗୁର୍ଦାସପୁର୍ ସ୍ଥିତ ବାସଭବନରେ ପହଞ୍ଚିଲେ ଯେଉଁଠି ଆପଣ ଅବସ୍ଥାନ କରିଥାଆନ୍ତେ ସେତେବେଳେ ହ. ମସିହ୍ ମଉଦ୍ ଅ.ସ ଅନ୍ୟ କୋଠରୀରେ ଖଟ ଉପରକୁ ଚାଲିଗଲେ (ବିଶ୍ରାମ ନେବା ପାଇଁ ଚାଲିଗଲେ) । କିନ୍ତୁ ମୌଲବୀ ସାହେବ କୁହନ୍ତି ଯେ, ସେତେବେଳେ ଆମମାନଙ୍କର ଶରୀରର ଲୋମ ଟାଙ୍କୁରି ଉଠିଥିଲା ଯେ, ବର୍ତ୍ତମାନ କ'ଣ ହେବ ? ମାଜିଷ୍ଟ୍ରେଟ୍ ଜଣକ ଦୃଢ଼ ପ୍ରତିଜ୍ଞା କରିଛି । ହୁଜୁର୍ ଅ.ସ କିଛି ସମୟ ପରେ ମୋତେ, ମୌଲବୀ ସାହେବଙ୍କୁ ଡକାଇଲେ । ମୁଁ ଯେତେବେଳଲେ ଆପଣ ଅ.ସଙ୍କୁ ପାଖକୁ ଗଲି ସେତେବେଳେ ହ. ସାହେବ ଅ.ସ ନିଜର ଉଭୟ ହାତର ପଞ୍ଝା ମିଶାଇ ନିଜର ମୁଣ୍ଡ ତଳେ ଦେଇ ସଳଖ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହୋଇ ଶୋଇଥିଲେ । ମୋ ଯିବା ପରେ ଗୋଟିଏ ପାର୍ଶ୍ୱରେ କହୁଣୀ ସାହାଯ୍ୟରେ ନିଜର ପାପୁଲି ସାହାଯ୍ୟରେ ଶୋଇଥିଲେ । ଆପଣ ଅ.ସ ମୋତେ କହିଲେ, ମୁଁ ଆପଣଙ୍କୁ ଏଇଥି ପାଇଁ ଡାକିଛି ଯେ, ମୁଁ ଆପଣଙ୍କ ତୁଣ୍ଡରୁ ସମସ୍ତ ଘଟଣା ବୃତ୍ତାନ୍ତ ଶୁଣିବି ଯେ, ପ୍ରକୃତ ଘଟଣାଟି କ'ଣ ଅଟେ ? ସେତେବେଳେ କୋଠରୀରେ ଅନ୍ୟ କୌଣସି ବ୍ୟକ୍ତି ଉପସ୍ଥିତ ନଥିଲା । କେବଳ କବାଟ ପାଖରେ ମିଆଁ ଶାଦି ଖାନ୍ ସାହେବ ଛିଡ଼ା ହୋଇଥିଲେ । ମୁଁ ସମସ୍ତ ଘଟଣା ବୃତ୍ତାନ୍ତ ଆପଣ ଅ.ସଙ୍କୁ କହିଲି ଯେ, କିପରି ଆମେମେମାନେ ଏଠାକୁ ଆସିଲୁ ଓ କିପରି ଡାକ୍ତର ଇସ୍‌ମାଇଲ୍ ଖାନ୍ ସାହେବଙ୍କୁ କାନ୍ଦୁଥିବାର ଦେଖିବାକୁ ପାଇଲୁ । ପୁନଶ୍ଚ କିପରି ଡାକ୍ତର ସାହେବ ମୁନ୍‌ସୀ ମୁହମ୍ମଦ ହୁସେନ୍‌ଙ୍କ ଆଗମନର ଘଟଣା ଶୁଣାଇଲେ ଓ ପୁନଶ୍ଚ ମୁହମ୍ମଦ ହୁସେନ କେଉଁ ଘଟଣା ଶୁଣାଇଲା ? ହୁଜୁର୍ ଅ.ସ ନିରବତାର ସହିତ କଥା ଶୁଣୁଥିଲେ । ମୁଁ ଯେତେବେଳେ ଶିକାର ଶବ୍ଦ ପାଖରେ ପହଞ୍ଚିଲି ଅର୍ଥାତ୍ ସେ କହିଥିଲା ଯେ, ଶିକାର ମୋ ହାତରେ ରହିଛି ତେବେ ସହସା ହ. ମସିହ୍ ମଉଦ୍ ଅ.ସ ଶେଯରୁ ଉଠି ବସି ପଡ଼ିଲେ । ଆପଣ ଅ.ସଙ୍କ ଚକ୍ଷୁ ଆଲୋକିତ ହୋଇ ଉଠିଲା ଏବଂ ମୁଖମଣ୍ଡଳ ଲାଲ୍ ହୋଇଗଲା ଏବଂ ଆପଣ ଅ.ସ କହିଲେ: " ଆଚ୍ଛା ମୁଁ ତା'ର ଶିକାର ଅଟେ ? ମୁଁ ତ' ଶିକାର ନୁହେଁ । ମୁଁ ତ' ସିଂହ ଅଟେ ଏବଂ ମୁଁ ପୁଣି ଈଶ୍ୱରଙ୍କ ସିଂହ ! ସେ ଈଶ୍ୱରଙ୍କ ସିଂହ ଉପରେ କିପରି ହାତ ପକାଇ ପାରିବ ? ସେ ଏପରି ଚେଷ୍ଟା କରିକି ଦେଖିନେଉ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଶବ୍ଦ କହି ଆପଣ ଅ.ସଙ୍କ ସ୍ୱର ଏତେ ଉଚ୍ଚ ହୋଇଗଲା ଯେ, କୋଠରୀ ବାହାରେ ଥିବା ସମସ୍ତ ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଉଠିଲେ ଏବଂ ଆଶ୍ଚର୍ଯ୍ୟର ସହିତ ଧ୍ୟାନ ଦେଲେ । କିନ୍ତୁ କୋଠରୀ ମଧ୍ୟକୁ କେହି ବି ଆସିଲା ନାହିଁ । ହୁଜୁର ଅ.ସ ଅନେକ ଥର ''ଈଶ୍ୱରଙ୍କ ସିଂହ'' ଶବ୍ଦଟି ପୁନରାବୃତ୍ତି କଲେ । ସେତେବେଳେ ଆପଣ ଅ.ସଙ୍କ ଚକ୍ଷୁ ଯାହାକି ସର୍ବଦା ଆନତ (ତଳ ମୁହାଁ) ହେଲା ଏବଂ ଅଧା ବନ୍ଦ ଥିଲା । ତାହା ପ୍ରକୃତରେ ସିଂହ ଚକ୍ଷୁ ପରି ଉନ୍ମୁକ୍ତ ହୋଇ ଉଜ୍ଜ୍ୱଳିତ ଥିଲା ଏବଂ ମୁଖମଣ୍ଡଳ ଏତେ ଲାଲ୍ ଥିଲା ଯେ, ଦେଖି ହେଉ ନଥିଲା । କଥାବାର୍ତ୍ତା କରି ସାରିବା ପରେ ଆପଣ ଅ.ସ ପୁନଶ୍ଚ କହିଲେ, "ମୁଁ କ'ଣ କରିବି, ମୁଁ ତ' ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥାପିତ କଲି ଯେ, ହେ ଈଶ୍ୱର ! ମୁଁ ତୁମ୍ଭ ଧର୍ମ ସକାଶେ ନିଜର ହାତ ଏବଂ ପାଦରେ ଲୌହ (ଲୁହା) ପରିଧାନ (ପିନ୍ଧିବାକୁ) ପ୍ରସ୍ତୁତ ଅଟେ । ଅର୍ଥାତ୍ ହାତକଡ଼ି ବି ଯଦି ମୋ ହାତରେ ଲାଗିଯାଏ ତାହାହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ । ଝିଞ୍ଜିର ପିନ୍ଧିବାକୁ ମଧ୍ୟ ମୁଁ ପ୍ରସ୍ତୁତ ଅଟେ । ଝିଞ୍ଜିର ପିନ୍ଧିବା ଦ୍ୱାରା କିଛି ଅସୁବିଧା ହେବ ନାହିଁ କି ମୋ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ଅଲ୍ଲାଃତାଲା କୁହନ୍ତି ଯେ, ନାହିଁ । ହେ ପ୍ରତି ଶୃତ ମସିହ୍ ! ମୁଁ ତୁମ୍ଭକୁ ତିରସ୍କୃତ ହେବାରୁ ରକ୍ଷା କରିବି ଏବଂ ସସମ୍ମାନେ ନିର୍ଦ୍ଦୋଷ ସାବ୍ୟସ୍ତ କରିଦେବି ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-107)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ଅ.ସ ଈଶ୍ୱର ପ୍ରେମ ଉପରେ ଭାଷଣ ଦେଲେ ଏବଂ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଅତ୍ୟନ୍ତ ଉତ୍ସାହର ସହିତ ଅଲ୍ଲାଃତାଲାଙ୍କ ପ୍ରେମ ସପକ୍ଷରେ କଥାବାର୍ତ୍ତା କହୁଥିଲେ । ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଓ ଆନ୍ତରୀକତାରେ ବଳିଦାନର ଏକ ବିଚିତ୍ର ଧାରଣା ରହିଛି । ଆପଣ ଅ.ସଙ୍କୁ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ କେତେ ବିଶ୍ୱାସ ଥିଲା ? ଈଶ୍ୱର ପ୍ରେମର ଏହି ପରିଣାମ ଥିଲା ଏବଂ ବିଶ୍ୱାସ ରହିଥିଲା ଯେ, ଯେହେତୁ ମୁଁ ଅଲ୍ଲାଃତାଲାଙ୍କୁ ଭଲ ପାଏ ଏବଂ ତାହାଙ୍କ ସକାଶେ ମୁଁ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ପ୍ରସ୍ତୁତ ଅଟେ । ସେଇଥି ପାଇଁ ଅଲ୍ଲାଃତାଲା ମଧ୍ୟ ମୋତେ କେବେ ବି ନଷ୍ଟ ହେବାକୁ ଦେବେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ଘଟଣା ମଧ୍ୟ ରହିଛି । ଏକଦା ସୁପୁରିଣ୍ଟେଡେଣ୍ଟ ପୋଲିସ୍ ଲିମାର୍ ଚନ୍ଦ୍ ଲେଖ୍‌ରାମର ହତ୍ୟା ସନ୍ଦେହରେ ନିଜର ସିପାହୀମାନଙ୍କ ସହିତ ହଠାତ୍ କାଦିୟାନ୍ ଆସିଲା ଏବଂ ହ. ମୀର୍ ନାସିର୍ ନୱାବ୍ ସାହେବ ର.ଅଙ୍କୁ ଏହାର ସୂଚନା ଯେତେବେଳେ ମିଳିଲା ସେତେବେଳେ ସେ ଅତ୍ୟନ୍ତ ବିଚଳିତାବସ୍ଥାରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପାଖକୁ ଗଲେ ଏବଂ ନିର୍ଭୀକ ସ୍ୱରରେ ଅତି କଷ୍ଟରେ କହିଲେ, ହୁଜୁର୍ ! ସୁପରିଣ୍ଟେଡ଼େଣ୍ଟ ଆପଣଙ୍କ ଗିରଫ କରିବାର ୱାରେଣ୍ଟ୍ (ପର୍‌ୱାନା) ଧରି ଆସୁଛି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସେତେବେଳେ ନିଜର ପୁସ୍ତକ ନୁରୁଲ୍ କୁର୍‌ଆନ୍ ଲେଖୁଥିଲେ । ଆପଣ ଅ.ସ ନିଜର ମୁଣ୍ଡ ଉପରକୁ ଉଠାଇ ଧୈର୍ଯ୍ୟପୂର୍ବକ ସ୍ମିତହାସ୍ୟ (ହସିଲେ) ପ୍ରକାଶ କରି କହିଲେ, "ମୀର୍ ସାହେବ ! ଲୋକମାନେ ଆନନ୍ଦରେ ସ୍ୱର୍ଣ୍ଣ ଏବଂ ରୌପ୍ୟ କଙ୍କଣ ପିନ୍ଧନ୍ତି । ତେବେ ଆମେମାନେ ଏହା ମନେ କରିନେବୁ ଯେ, ଆମେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଲୌହ କଙ୍କଣ ପିନ୍ଧି ନେଇଛୁ । ପୁନଶ୍ଚ କିଛି ସମୟ ରହିବା ପରେ ଆପଣ ଅ.ସ କହିଲେ, କିନ୍ତୁ ଏପରି ହେବ ନାହିଁ । କାରଣ ଈଶ୍ୱର ନିଜ ସରକାରଙ୍କର ସୁଧାରକ (ହିତୈଷୀ) ହୋଇଥାଆନ୍ତି । ସେ ନିଜର ଖଲିଫା ଏବଂ ନିଜ ଦ୍ୱାରା ପ୍ରେରିତମାନଙ୍କୁ ଏପରି ତିରସ୍କୃତ କରନ୍ତି ନାହିଁ । ସୁତରାଂ ଏହିପରି ହିଁ ହେଲା ଏବଂ ସେମାନଙ୍କୁ (ହିନ୍ଦୁମାନଙ୍କୁ) ସଫଳତା ମିଳିଲା ନାହିଁ ।" **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-39, ତା-7 ଜୁନ୍ 1936 ମସିହା, ପୃ-3 ରୁ ଉଦ୍ଧୃତ)(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-3, ତା-10 ଜୁଲାଇ 1899 ମସିହା, ପୃ-1-2ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବ ସିଆଲକୋଟୱୀ ର.ଅଙ୍କର ରହିଛି । ଆପଣ ର.ଅ ଉଲ୍ଲେଖ କରି କୁହନ୍ତି : "ଏକଦା ଆପଣ ଜାଲନ୍ଧର ନାମକ ସ୍ଥାନରେ ଥିଲେ ଆପଣ ର.ଅ କହିଲେ, ବିପତ୍ତି ଏବଂ ପରୀକ୍ଷା ସମୟରେ ମୋତେ ନିଜ ଜମାଅତ୍‌ର କେତେକ ଦୁର୍ବଳ ହୃଦୟ ଥିବା ଲୋକମାନଙ୍କ ବିଷୟରେ ଆଶଙ୍କା ହୋଇଥାଏ । ଅର୍ଥାତ୍ ଜମାଅତ୍‌ର ଦୁର୍ବଳ ହୃଦୟ ଥିବା ବ୍ୟକ୍ତିମାନଙ୍କ ସଂପର୍କରେ ଚିନ୍ତା ହୋଇଥାଏ । ଅର୍ଥାତ୍ ବିପତ୍ତି ସମୟରେ ମଧ୍ୟ ମକଦ୍ଦମା ହୋଇଥାଏ ଏବଂ ବିରୋଧ ମଧ୍ୟ ହୋଇଥାଏ । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କର ଓ ଆପଣ ଅ.ସଙ୍କ ଜମାଅତ୍ ଉପରେ ମକଦ୍ଦମା ଏବଂ ବିରୋଧ ମଧ୍ୟ ହୋଇଥାଏ । ଆପଣ ଅ.ସ କହିଲେ, ତେବେ ଏଭଳି ପରିସ୍ଥିତିରେ ମୋତେ ଜମାଅତ୍‌ର କେତେକ ଦୁର୍ବଳ ହୃଦୟ ଥିବା ବ୍ୟକ୍ତିମାନଙ୍କ ଓ ଦୁର୍ବଳ ବିଶ୍ୱାସ ଥିବା ବ୍ୟକ୍ତିମାନଙ୍କ ସଂପର୍କରେ ଭାରି ଚିନ୍ତା ହୋଇଥାଏ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ପୁନଶ୍ଚ କହିଲେ, "ମୋର ତ' ଅବସ୍ଥା ରହିଛି ଯେ, ଯଦି ମୋତେ ସ୍ୱଷ୍ଟ ଶବ୍ଦ ଆସେ (ଶୁଭେ) ଯେ, ତୁମ୍ଭେ ତିରସ୍କୃତ ଓ ଅପମାନିତ ଅଟ ଏବଂ ତୁମ୍ଭର କୌଣସି ମନସ୍କାମନା ଆମ୍ଭେ ପୂର୍ଣ୍ଣ କରିବୁ ନାହିଁ ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ସେହି ଈଶ୍ୱର ପ୍ରେମ, ଆନ୍ତରୀକତା ଏବଂ ଧର୍ମସେବାରେ କୌଣସି ନ୍ୟୁନତା ହ୍ରାସ ପରିଲକ୍ଷିତ ହେବ ନାହିଁ । ତେଣୁ ମୁଁ ତ' ତାକୁ ଦେଖି ସାରିଛି ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ-ମୌଲାନା ଅବ ଦ୍ଦୁଲ୍ କରୀମ୍ ସାହେବ ସିୟାଲ୍‌କୋଟୱୀ ର.ଅ, ପୃ-53)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, " ମୋର ତ' ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଓ ଭରସାର ଏହି ସ୍ତର ରହିଛି ଯେ, ସେ ଯାହା ହୋଇଯାଉ ନା କାହିଁକି କିନ୍ତୁ ଈଶ୍ୱର ପ୍ରେମରେ କୌଣସି ଅଭାବ ମୋ ମଧ୍ୟରେ ପରିଲକ୍ଷିତ ହେବ ନାହିଁ । ମୁଁ ସେହିପରି ଅଲ୍ଲାଃତାଲଙ୍କୁ ପ୍ରେମ କରୁଛି ଓ କରୁଥିବି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ନୱାବ୍ ମୁବାରକା ବେଗମ୍ ସାହେବା ର.ଅ ଏକ ବର୍ଣ୍ଣନାରେ ବର୍ଣ୍ଣନା କରନ୍ତି ଯେ, "ନିଜର ଅତି ପ୍ରିୟତମ ଈଶ୍ୱରଙ୍କ ପ୍ରେମ ଯାହା ଆପଣ ଅ.ସଙ୍କ ଆତ୍ମାର ପ୍ରତ୍ୟେକଟି କଣିକାର ଅର୍ଥାତ୍ ଅଙ୍ଗପ୍ରତ୍ୟେଙ୍ଗରେ ତରଙ୍ଗାୟିତ ହେଉଥିଲା । ଆପଣ ଅ.ସଙ୍କ ପ୍ରତ୍ୟେକଟି ଆଚରଣ ଓ ଉଚ୍ଚାରଣରୁ ପ୍ରତ୍ୟେକ ମୁହୂର୍ତ୍ତ ଈଶ୍ୱରଙ୍କ ପ୍ରେମ ଦୃଶ୍ୟମାନ ହେଉଥିଲା । ନମାଜ୍ ସମୟ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ମୁଁ ଆପଣଙ୍କୁ ଅଶେଷ ଦୟାବାନ୍ ଈଶ୍ୱରଙ୍କୁ ଆକୁଳ ନିବେଦନ କରୁଥିବାର ଶୁଣିଛି । ଆପଣ ଅ.ସ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅଙ୍କ ଆଜ୍ଞାବହତ୍ୱରେ ନିଜର ବାଲ୍ୟକାଳ ଏବଂ ନିଜର କୈଶୋରାବସ୍ଥାକୁ ଈଶ୍ୱରଙ୍କ ପ୍ରେମରେ ଅତିବାହିତ କରିଦେଇଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ନୱାବା ମୁବାରକା ବେଗମ ସାହେବା ର.ଅ କୁହନ୍ତି: "ଅଲ୍ଲାଃତାଲାଙ୍କ ପବିତ୍ର ଅସ୍ତିତ୍ୱରୁ ଆପଣ ଅ.ସଙ୍କ ପ୍ରକୃତ ପ୍ରେମ ଦୃଶ୍ୟମାନ ହେଉଥିଲା । ଏକଦା ମୁଁ ଆପଣ ଅ.ସଙ୍କୁ ଦୁଆ କରୁଥିବା ଏବଂ ଆପଣ ଅ.ସଙ୍କୁ କାନ୍ଦୁଥିବାର ଦେଖିଲି । ଆପଣ ଅ.ସ ଅତ୍ୟନ୍ତ ବେଦନାପୂର୍ବକ ଓ କାକୁତି ମିନତୀ ଭାବରେ ନିଜର ପରମେଶ୍ୱର ଓ ନିଜର ପ୍ରିୟତମ ଈଶ୍ୱରଙ୍କୁ ଡାକୁଥିଲେ । ଆପଣ ଅ.ସ ବାରମ୍ବାର ଏହା କହୁଥିଲେ ଯେ, ହେ ମୋର ପ୍ରିୟ ଅଲ୍ଲାଃ ! ହେ ମୋର ପ୍ରିୟ ଅଲ୍ଲାଃ ! ଆପଣ ଅ.ସଙ୍କ ଏହି ବାଣୀ ନିସୃତ ହେଉଥିଲା......... ଆପଣ ଅ.ସ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ପ୍ରେମୀ ଥିଲେ ଓ ନିଜର ପାଳନକର୍ତ୍ତାଙ୍କର ମଧ୍ୟ ପ୍ରକୃତ ପ୍ରେମୀ ଥିଲେ । ଆପଣ ଅ.ସଙ୍କ ମୁଖ ଉପରେ ସେହି ପ୍ରେମର ଆଲୋକ ଉଦ୍ଭାସିତ ହେଉଥିଲା । ଆପଣ ଅ.ସଙ୍କ ତୁଣ୍ଡରୁ ସେହି ଆଲୋକ ନିଃସୃତ ହେଉଥିଲା, ଆପଣ ଅ.ସଙ୍କ ତୁଣ୍ଡରୁ ଆଲୋକର ଝରଣାମାନ ପ୍ରବାହିତ ହେଉଥିଲା । କିନ୍ତୁ ଯେଉଁ ଲୋକମାନଙ୍କର ଚକ୍ଷୁ ଥିଲା ସେମାନଙ୍କ ଚକ୍ଷୁ ଥାଇ ମଧ୍ୟ ସେମାନେ ଆପଣ ଅ.ସଙ୍କୁ ଦେଖି ପାରିଲେ ନାହିଁ (ଅର୍ଥାତ୍ ସେହି ପ୍ରତିଶୃତ ମସିହ୍ ଅ.ସଙ୍କୁ ଚିହ୍ନି ପାରିଲେ ନାହିଁ)।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ନୱାବା ମୁବାରକା ବେଗମ୍ ସାହେବା ର.ଅ କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ନିଜର ଚିରଞ୍ଜିବ ଈଶ୍ୱରଙ୍କ ନିମନ୍ତେ କେଉଁ ସ୍ୱାଭାମିନ

### ହଦିସେ ନବୱୀ ସ.ଅ.ସ :-

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ନିଜ ମନ ଭିତରେ ପୋଷଣ କରୁଥିଲେ ତାହାର ଏକ ପ୍ରତ୍ୟେକ୍ଷ ଦର୍ଶୀ ସାକ୍ଷ୍ୟ ମୁଁ ଏଠାରେ ଉପରସ୍ଥାପିତ କରି ଦେଉଛି । ଆପଣ ର.ଅ କୁହନ୍ତି: "ଏହା ତ' ଆପଣ ଅ.ସଙ୍କ ଦୁଆର ଅବସ୍ଥା ରହିଥିଲା । ଯେଉଁ ଅବସ୍ଥକୁ ମୁଁ ଅବଲୋକନ କରିଥିଲି କିନ୍ତୁ ଗୋଟିଏ ଘଟଣା ଉପସ୍ଥାପିତ କରିଦେଉଛି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "ଆପଣ ଅ.ସ (ହ. ମସିହ୍ ମଉଦ୍ ଅ.ସ) କୋଠରୀ ମଧ୍ୟରେ ଥିଲେ, ଆପଣ ବାହାରକୁ ଯିବା ନିମନ୍ତେ ପ୍ରସ୍ତୁତ ଥିଲେ । ଆପଣ ଅ.ସ କେଉଁଠାକୁ ଯାଉଥିଲେ । ମୁଁ ଆପଣ ଅ.ସଙ୍କ ପାଖରେ ଥିଲି.....ଆମ ବଡ଼ ମାଙ୍କ ବିଶେଷ ସେବିକା (ଯେକି ଅହମଦି ହୋଇଯାଇଥିଲା ଏବଂ ବଡ଼ ମାଙ୍କ ପାଖରେ ହିଁ ବହିସ୍ତି ମକ୍‌ବରାହ୍ ଠାରେ ତାଙ୍କୁ କବର ଦିଆଯାଇଛି) । ସେହି ସେବିକା ଜଣକ ହ. ଅମ୍ମା ଜାନ୍ ପାଖକୁ ଆସିଲା ଏବଂ ନିଜ ତରଫରୁ ପ୍ରିୟ ବୋଲି ମନେକରି ଆପଣ ର.ଅଙ୍କ (ଅମ୍ମା ଜାନ୍‌ଙ୍କ) ପାଖରେ ଚଟା ମିର୍ଜା ଇମାମୁଦ୍ଦୀନ୍ ସାହେବଙ୍କ ବିୟୋଗରେ ଶୋକ ପ୍ରକାଶ କରିବାକୁ ଲାଗିଲା । ସେହି ସେବିକା ଜଣକ ତୁଣ୍ଡରୁ ଏହା ନିଃସୃତ ହେଉଥି"بڑا ہی چنگا بندہ سی" ଅର୍ଥାତ୍ ସାଆନ୍ତାଣୀ ! ମିର୍ଜା ଇମାମୁଦ୍ଦୀନ୍ ସାହେବ ବହୁତ ଭଲ ଓ ବଢିଆ ଲୋକଟା ଥିଲା.....।" ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ବାହରକୁ ବାହାରିଲେ । ଆପଣ ଅ.ସଙ୍କ ମୁଖମଣ୍ଡଳ ଲାଲ୍ ହୋଇଯାଇଥିଲା । ଆପଣ ନିଜର ଆଶାବାଡ଼ୀ ଭୂମି ଉପରେ ପ୍ରହାର କରି କହିଲେ, ମୂର୍ଖ ସେବିକା ! ତୁ ମୋରି ଘରେ ମୋ ଶତ୍ରୁର ପ୍ରଶଂସା କରୁଛୁ ? ମିର୍ଜା ଇମାମୁଦ୍ଦୀନ୍ ସାହେବ ତ' ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରିଦେଇଥିଲା ଏବଂ ଅଲ୍ଲାଃତାଲାଙ୍କୁ ସେ ଉପହାସ କରୁଥିଲା । ଆପଣ ଆସଙ୍କ ସ୍ୱାଭିମାନ ଏହା ବାର୍ଦାସ୍ତ କରିପାରିଲେ ନାହିଁ ଯେ, ଘରେ ବସି ତା'ର (ମିର୍ଜା ଇମାମୁଦ୍ଦୀନର) ଚର୍ଚ୍ଚା ହେଉ । ନୱାବ୍ ମୁବାରକା ବେଗମ୍ ସାହେବା ଉଲ୍ଲେଖ କରନ୍ତି ଆପଣଙ୍କ ସ୍ୱରରେ ଏପରି ଔଜସ୍ୱୀତାକୁ ଶୁଣି ସେ ସେଠାରେ ତୁରନ୍ତ ପଳାଇଗଲା । ମିର୍ଜା ଇମାମୁଦ୍ଦୀନ୍ ନାସ୍ତିକବାଦୀ ଥିଲେ । ତେଣୁ ଆପଣ ଅ.ସ କିପରି ସହ୍ୟ କରିପାରି ଥାଆନ୍ତେ ଯେ, ଆପଣ ଅ.ସଙ୍କ ଘରେ ଜଣେ ନାସ୍ତିକବାଦର ପ୍ରଶଂସା କରାଯାଉ ।"

**(ହ. ମୁବାରକା ବେଗମ୍ ସାହେବାଙ୍କର ଲେଖନୀ, ପୃ-223-224)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସ ନିଜର ପ୍ରିୟାବତାର ହ. ମୁହମ୍ମଦ୍ ସ.ଅଙ୍କ ଆଜ୍ଞାବହତ୍ୱରେ ବାଲ୍ୟକାଳ ଏବଂ ନିଜର କିଶୋର ତଥା ଯୁବାବସ୍ଥାକୁ ମଧ୍ୟ ଅତିବାହିତ କରି ଦେଇଥିଲେ । ସେହିପରି ଈଶ୍ୱର ପ୍ରେମରେ ମଧ୍ୟ ଆପଣ ନିଜର ସମୟକୁ ଅତିବାହିତ କରିଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, "ଜଣେ ଶିଖ୍ ଜମିଦାର ବର୍ଣ୍ଣନା ରହିଛି । ସେ ହ. ମସିହ୍ ମଉଦ୍ ଅ.ସଙ୍କ ସକାଶେ ଦଦାଙ୍କୁ ପାଖକୁ ଚାକିରୀର ସନ୍ଦେଶ ଆଣି ଦେଇଥିଲା । ଅତଏବ୍ ଏକଦା ଜଣେ ଅଫିସର କିମ୍ବା ଜଣେ ଧନାଢ୍ୟ ବ୍ୟକ୍ତି ଆମର ଦଦାଙ୍କୁ ପଚାରିଲା ଯେ, ମହୋଦୟ ! ମୁଁ ଶୁଣିଛି ଯେ, ଆପଣଙ୍କର ଜଣେ କନିଷ୍ଠ ପୁତ୍ର ସନ୍ତାନ ମଧ୍ୟ ରହିଛି । କିନ୍ତୁ ମୁଁ ତାକୁ କେବେ ଦେଖି ନାହିଁ । ଦଦା ମହୋଦୟ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ପିତାଶ୍ରୀ ହ. ମିର୍ଜା ଗୁଲାମ୍ ମୁର୍ତଜା ସାହେବ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ହଁ ମୋର ଏକ କନିଷ୍ଠ ସନ୍ତାନ ତ' ରହିଛି । କିନ୍ତୁ ସେ ସଦ୍ୟ ବିବାହିତ ବଧୂ ପରି ଖୁବ୍ କମ୍ ଦେଖାଯାଇଥାଏ ଏବଂ ବାହରକୁ କମ୍ ବାହାରିଥାଏ । ଆପଣ ଯଦି ମୋର ସେହି ପୁତ୍ରକୁ ଦେଖିବାକୁ ଚାହୁଁଛନ୍ତି ତେବେ ମସଜିଦ୍ ଚାଲନ୍ତୁ । ଆପଣ ସେଠାରେ ମସଜିଦର ଏକ କୋଣରେ ତାକୁ ଦେଖି ନିଅନ୍ତୁ । ସେ ତ' ମସିହତ୍ତ୍ (ସର୍ବଦା ମସଜିଦ୍‌ରେ ଉପାସନା କରୁଥିବା ବ୍ୟକ୍ତି) ଅଟେ ।" **(ପବିତ୍ର ଜୀବନୀ, ଲେଖକ-ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ, ପୃ-9-10)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାକୁ ମେରାଜୁଦ୍ଦୀନ ସାହେବ ଉମର୍ ମଧ୍ୟ ଅତିରିକ୍ତ ସ୍ପଷ୍ଟୀକରଣ ପ୍ରଦାନ କରି ଉଲ୍ଲେଖ କରିଛନ୍ତି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ପିତାଶ୍ରୀ ସେହି ଇଂରେଜ ଅଫିସରକୁ କହିଲେ, ମହୋଦୟ ! ଆପଣ ମୋ ସୁପୁତ୍ରଙ୍କୁ ମସଜିଦ୍ ଠାକୁ ଯାଇ ସକାୱାର ଚୌଁଟି ଠାରେ ଖୋଜନ୍ତୁ । ସେଠାରେ ଯେଉଁ ଓଜୁ (ହସ୍ତ ପାଦ ପ୍ରେକ୍ଷାଳନ ବା ଧୋଇବାର) କରିବାର ସ୍ଥାନ ରହିଛି, ପାଣି ଟାଙ୍କି ରହିଛି, ପାଣି ଟ୍ୟାପ୍ ରହିଛି ସେଠାରେ ଯାଇ ଖୋଜନ୍ତୁ । ଯଦି ସେ ସେଠାରେ ନମିଳିଲା ତେବେ ଆପଣ ନିରାଶ ହୋଇ ଫେରିବେ ନାହିଁ ବରଂ ମସଜିଦ୍ ଭିତରକୁ ଚାଲିଯିବେ ଏବଂ ସେଠାରେ କୌଣସି କୋଣରେ ଯାଇ ତାକୁ ଖୋଜିବେ । ଯଦି ସେ ସେଠାରେ ନମିଳେ ତେବେ ଆପଣ ତଥାପି ନିରାଶ ହୋଇ ଫେରିବେ ନାହିଁ । ସେଠାରେ କୌଣସି ନମାଜ୍ ଧାଡ଼ିରେ ଯାଇ ଦେଖିବି ଯେ, ତା'କୁ ଧାଡ଼ିର ଚଟେଇରେ ଗୁଡ଼ାଇ ରଖି ଦିଆଯାଇଥିବା । କାରଣ ସେ ତ' ଜୀବନରେ ହିଁ ମୃତ ପ୍ରତୀୟମାନ ହେଉଛି । କାରଣ ଈଶ୍ୱରଙ୍କ ମଧ୍ୟରେ ବିଲୀନ ହେବାର ଅବସ୍ଥା ଏପରି ହୋଇଯାଇଥିଲା । **(ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନର ସଂକ୍ଷିପ୍ତ ଚର୍ଚ୍ଚା, ଲେଖକ-ମେରାଜୁଦ୍ଦୀନ୍ ଉମର୍ ସାହେବ, ପୃ-67)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ମିର୍ଜା ବଶୀର୍ ଅହମଦ ସାହେବ ର.ଅ ମଧ୍ୟ ଏକ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, ହାଜି ଅବଦ୍ଦୁଲ୍ ମଜିଦ୍ ସାହେବ ଲୁଧିୟାନୱୀ ସାହେବ ମୋତେ କହିଲେ, ଏକଦା ହୁଜୁର ଅ.ସ ଲୁଧିୟାନାରେ ଥିଲେ ହୁଜୁର୍ ଅନୱର୍ ଅ.ସ କହିଲେ, ମୋ ବାସ ଭବନରେ ଏକ ନିମ୍ବ ବୃକ୍ଷ ଥିଲା । ଯେହେତୁ ବର୍ଷାଋତୁ ଥିଲା । ତେଣୁ ନିମ୍ବ ବୃକ୍ଷର ପତ୍ର ଅତ୍ୟନ୍ତ ସୁନ୍ଦର ଏବଂ ସବୁଜ ଜଣା ପଡୁଥିଲା । ହୁଜୁର ଅ.ସ ମୋତେ (ହାଜି ଅବଦ୍ଦୁଲ୍ ମଜିଦ୍ ସାହେବ) କହିଲେ, ହାଜି ସାହେବ ! ଏହି ନିମ୍ବ ବୃକ୍ଷର ପତ୍ରକୁ ଟିକେ ଦେଖନ୍ତୁ ! କେଡ଼େ ସୁନ୍ଦର ଦୃଶ୍ୟମାନ ହେଉଛି । ହାଜି ସାହେବ କୁହନ୍ତି ଯେ, ମୁଁ ସେତେବେଳେ ଦେଖିଲି ଯେ, ଆପଣ ଅ.ସଙ୍କ ଚକ୍ଷୁରେ ଲୁହ ଭର୍ତ୍ତି ହୋଇ ରହିଥିଲା । **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-95)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ଏଠାରେ ଜଣେ ବ୍ୟକ୍ତି ଥିଲେ । ପରବର୍ତ୍ତୀ ସମୟରେ ସେ ଅତ୍ୟନ୍ତ ନିଷ୍ଠାପର ଅହମଦି ହୋଇଗଲେ ଏବଂ ହ. ସାହେବ ର.ଅଙ୍କ ସହିତ ତାଙ୍କର ସୁସଂପର୍କ ଥିଲା । କିନ୍ତୁ ଅହମଦି ହେବା ପୂର୍ବରୁ ହ. ସାହେବ ଅ.ସ ତାଙ୍କ ଠାରୁ ଦୀର୍ଘ 20 ବର୍ଷ ପର୍ଯ୍ୟନ୍ତ ରୁଷ୍ଟ ରହିଲେ । ଏହାର କାରଣ ଏହିପରି ଥିଲା ଯେ, ହ. ସାହେବ ଅ.ସଙ୍କୁ ତାଙ୍କର ଗୋଟିଏ କଥା ଅତ୍ୟନ୍ତ ଅପ୍ରୀତିକର ମନେହେଲା । ତାହା ଏହିପରି ଯେ, ତାଙ୍କର ଜ୍ୟୋଷ୍ଠ ପୁତ୍ରର ଅକାଳ ବିୟୋଗ ହୋଇଗଲା । ହ. ସାହେବ ଅ.ସ ନିଜ ଭାଇ ସହିତ ତାଙ୍କ ଘରେ ଶୋକ ବ୍ୟକ୍ତ କରିବା ନିମନ୍ତେ ଗଲେ । ତାଙ୍କ ମଧ୍ୟରେ ଗୋଟିଏ ଅଭ୍ୟାସ ଏହା ଥିଲା କି ଯେତେବେଳେ ବି କୌଣସି ବ୍ୟକ୍ତି ଆସୁଥିଲା ସେହି ବ୍ୟକ୍ତି ସହିତ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ହେଉଥିଲା । ସେହି ବ୍ୟକ୍ତିଙ୍କୁ କୁଣ୍ଢାଇ ସେ ଚିତ୍କାର କରି ରୋଦନ (କାନ୍ଦୁ) କରୁଥିଲେ । ତଦନୁଯାୟୀ ସେ ହ. ସାହେବ ଅ.ସଙ୍କ ବଡ଼ ଭାଇଙ୍କୁ କୁଣ୍ଢାଇ (ଆଲିଙ୍ଗନ କରି) କାନ୍ଦି କାନ୍ଦି କହିଲେ, ଈଶ୍ୱର ମୋ ପ୍ରତି ଅତ୍ୟାଚାର କରିଛନ୍ତି । ଉକ୍ତ ଶୁଣିବା ମାତ୍ରେ ହ. ଅ.ସଙ୍କୁ ଏପରି ଘୃଣା ହୋଇଗଲା ଯେ, ହୁଜୁର ଅ.ସ ତାଙ୍କର ଚେହେରା ମଧ୍ୟ ଦେଖିବାକୁ ଚାହୁଁ ନଥିଲେ । ପରେ ଈଶ୍ୱର ତାଙ୍କୁ ସାମର୍ଥ୍ୟ ପ୍ରଦାନ କଲେ ଏବଂ ସେ ସେହି ନିରକ୍ଷରତା ତଥା ମୂର୍ଖତା ଠାରୁ ବାହାରି ଆସିଲେ ।"

**(ତକ୍‌ଦିରେ ଇଲାହୀ, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-4, ପୃ-606-607)**

ସେହିପରି ହ. ମିର୍ଜା ବଶୀର୍ ଅହମଦି ସାହେବ ର.ଅ ଏକ ବର୍ଣ୍ଣନା ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି: "ମୁନ୍‌ସୀ ଜଫର୍ ଅହମଦ ସାହେବ କପୁରଥଲୱୀ ର.ଅ ଲିଖିତ ଆକାରରେ ମୋ ସମ୍ମୁଖରେ ବର୍ଣ୍ଣନା କଲେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ ମୁଣ୍ଡ ବ୍ୟଥା ରୋଗ ଥିଲା । ମୁଣ୍ଡ ବୁଲାଇବାର ସମସ୍ୟା ଥିଲା । ଜଣେ ବୈଦ (ଚିକିତ୍ସକ)ଙ୍କ ସଂପର୍କରେ ଆପଣ ଅ.ସଙ୍କୁ କୁହାଗଲା ଯେ, ହଜୁର୍ ! ଅମକ ବୈଦ୍ୟ ମୁଣ୍ଡ ବ୍ୟଥା ଠିକ୍ କରିବାରେ ପାରଙ୍ଗମ ଓ ସିଦ୍ଧହସ୍ତ । ସେ ଉକ୍ତ ରୋଗର ଚିକିତ୍ସା କରୁଛି । ଅତଏବ୍ ସେହି ବୈଦ୍ୟଙ୍କୁ ଭଡ଼ା ପାଇସା ଦେଇ ଦୂରରୁ ଡକାଗଲା । ସେ ହୁଜୁର ଅ.ସଙ୍କୁ ଦେଖିଲା ଏବଂ କହିଲା, ମହୋଦୟ ମୁଁ ଆପଣଙ୍କୁ ଦିନ ଦି ଦିନ ଭିତରେ ଠିକ୍ କରିଦେବି । ଏକଥା ଶୁଣି ଆପଣ ଅ.ସ ଘର ଭିତରକୁ ଚାଲିଗଲେ ଏବଂ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ଘଟଣା ସଂପର୍କରେ ଲେଖିଲେ । ଆପଣ ଅ.ସ ଉଲ୍ଲେଖ କଲେ ଯେ, ନୁରୁଦ୍ଦୀନ୍ ସାହେବ ! ମୁଁ ଅମକ ବ୍ୟକ୍ତି ଠାରୁ ଆଦୌ ଚିକିତ୍ସା କରାଇବାକୁ ଚାହୁଁ ନାହିଁ । ଏହି ବ୍ୟକ୍ତି ଅର୍ଥାତ୍ ବୈଦ୍ୟ ଜଣକ ଈଶ୍ୱରତ୍ୱର ଦାବି କରୁଛି । ଉକ୍ତ ବୈଦ୍ୟଙ୍କୁ ପ୍ରତ୍ୟାବର୍ତ୍ତନ ପାଇଁ (ବାଟ ଖର୍ଚ୍ଚ) ଭଡ଼ ପାଇସା ଏବଂ ଅତିରିକ୍ତ 25 ଟଙ୍କା ଦେଇ ପଠାଇ ଦିଅନ୍ତୁ । ଅର୍ଥାତ୍ ଆପଣ ଗୃହ ଭିତରୁ ଟଙ୍କା ପଠାଇଲେ ଏବଂ କହିଲେ ଏହି ଟଙ୍କା ଉକ୍ତ ବୈଦ୍ୟଙ୍କୁ ଦେଇ ଦିଅନ୍ତୁ ଓ ବୈଦ୍ୟଙ୍କୁ ଏଠାରୁ ପଠାଇ ଦିଅନ୍ତୁ (ଯିବାକୁ କହି ଦିଅନ୍ତୁ) । ସୁତରାଂ ଏହିପରି କରାଗଲା । ଆପଣ ଅ.ସ କହିଲେ, ଏହି ବୈଦ୍ୟ କହୁଛି ଯେ, ସେ ମୋତେ ଦିନ ଦି ଦିନ ଭିତରେ ଠିକ୍ କରିଦେବେ । ଈଶ୍ୱରଙ୍କ ବ୍ୟତୀତ କିଏ ମୋତେ ଠିକ୍ କରି ପାରିବ । ପ୍ରକୃତ ଆରୋଗ୍ୟ ପ୍ରଦାନକାରୀ ଅସ୍ତିତ୍ୱ ହେଉଛି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ।

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-2, ବର୍ଣ୍ଣନା ସଂଖ୍ୟା-1038)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ମୁନ୍‌ସୀ ଜଫର୍ ଅହମଦ୍ ସାହେବ କପୁରଥଲୱୀଙ୍କ ଏକ ବର୍ଣ୍ଣନା ବର୍ଣ୍ଣନା କରନ୍ତି ଯେ, " ସ୍ୱର୍ଗତ ଚୌଧୁରୀ ରୁସ୍ତମ୍ ଅଲୀ ଖାନ୍ ସାହେବ ରେଲବାଇରେ ଇନ୍‌ସ୍ପେକ୍ଟର ଥିଲେ । ତାଙ୍କ ମାସିକ ଆୟ 150 ଟଙ୍କା ଥିଲା । ସେ ଅତ୍ୟନ୍ତ ନିଷ୍ଠାପର ଏବଂ ଆମ ଜମାଅତ୍‌ର ଜଣେ ଚର୍ଚ୍ଚାଯୋଗ୍ୟ ବ୍ୟକ୍ତି ଥିଲେ । ସେ ପ୍ରତ୍ୟେକ ମାସ 20 ଟଙ୍କା ନିଜ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ପାଖରେ ରଖି ଅନ୍ୟ ସମସ୍ତ ଟଙ୍କା ଅର୍ଥା 130 ଟଙ୍କା ହ. ସାହେବ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରି ଦେଉଥିଲେ । ଆପଣଙ୍କର ଏହି ନୀତି ରହିଥିଲା । ତାଙ୍କର ଏକମାତ୍ର ପୁତ୍ର ସନ୍ତାନ ରହିଥିଲା । ସେହି ଏକାମତ୍ର ସନ୍ତାନ ଯେତେବେଳେ ଅସୁସ୍ଥ ହେଲା ସେତେବେଳେ ସେ ନିଜର ପୁତ୍ରକୁ ସାଙ୍ଗରେ ଧରି ସପରିବାରେ କାଦିଆନ୍ ଚାଲି ଆସିଲେ । ସେ ଆସି ହ. ମସିହ୍ ମଉଦ୍ ଅ.ସଙ୍କ ଘରେ ଅବସ୍ଥାନ କଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଦିନେ କହିଲେ, ମହୋଦୟ ! ଦିନେ ମୁଁ ରାତ୍ର ସମୟରେ ସ୍ୱପ୍ନରେ ଦେଖିଲି ଯେ, ମୋ ଈଶ୍ୱରଙ୍କୁ କେହି ଗାଳି ଗୁଲଚ କରୁଛି । ମୁଁ ଏଥିଯୋଗୁଁ ଅତ୍ୟନ୍ତ ମର୍ମାହତ ହେଲି । ଆପଣ ଅ.ସ ଯେତେବେଳେ ଉକ୍ତ ସ୍ୱପ୍ନର ଚର୍ଚ୍ଚା କଲେ ସେତେବେଳେ ଉକ୍ତ ସ୍ୱପ୍ନ ଚର୍ଚ୍ଚା ପରବର୍ତ୍ତୀ ଦିନ ଚୌଧୁରୀ ସାହେବଙ୍କ ପୁତ୍ରର ଅକାଳ ବିୟୋଗ ହୋଇଗଲା । କାରଣ ତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଥିଲା। ଚୌଧୁରୀ ସାହେବ ଅର୍ଥାତ୍ ସେହି ମୃତକ ବାଳକର ମାତା ବିଳାପ, ରୋଦନା ଓ ଚିତ୍କାର କଲା । ସେହି ଅବସ୍ଥାରେ ତା' ପାଟିରୁ ଏହି ଶବ୍ଦ ବାହାରିଲା ଯେ, ଆରେ ହେ ଅତ୍ୟାଚାରୀ ଈଶ୍ୱର ! ତୁମ୍ଭେ ମୋ ପ୍ରତି ଘୋର ଅନ୍ୟାୟ ଓ ଅତ୍ୟାଚାର କରିଛ। ସଂପୃକ୍ତ ମହିଳା ଜଣକ ଏହିପରି ଶବ୍ଦ ଉଚ୍ଚାରିତ କରୁଥିଲା । ସେହି ଉଚ୍ଚାରିତ ଶବ୍ଦକୁ ଆପଣ ଅ.ସ ଶୁଣିନେଲେ । ଆପଣ ଅ.ସ ତତ୍‌କ୍ଷଣାତ୍ ବାହାରକୁ ବାହାରି ଆସିଲେ । ଆପଣ ବେଶ୍ ଦୁଃଖିତ ଓ ମର୍ମାହତ ଥିଲ ଏବଂ ଅତ୍ୟନ୍ତ ଉତ୍ସାହିତ ହୋଇ କହିଲେ, ଏହି ମୁହୂର୍ତ୍ତରେ ହିଁ ସେହି ସ୍ୱାମୀ ସ୍ତ୍ରୀ ମୋ ଘରୁ ବାହାରି ଯାଆନ୍ତୁ । ଡାକ୍ତର ମୀର୍ ମୁହମ୍ମଦ୍ ଇସମାଇଲ୍ ସାହେବ ର.ଅଙ୍କ ମାତାଶ୍ରୀ ଯେକି ଜଣେ ଚତୁର ଏବଂ ବିଚକ୍ଷଣା ବୁଦ୍ଧି ସମ୍ପନ୍ନ ମହିଳା ଥିଲେ ସେ ଚୌଧୁରୀ ସାହେବଙ୍କ ପତ୍ନିକୁ ବୁଝାଇଲେ ଏବଂ କହିଲେ, ହେ ମହୋଦୟା ! ତୁମେ ଏପରି ଶବ୍ଦ ଉଚ୍ଚାରଣ କର ନାହିଁ । କାରଣ ଏପରି ଶବ୍ଦ ଉଚାଚାରଣ କରିବା ଦ୍ୱାରା ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ରୁଷ୍ଟ ହୋଇଛନ୍ତି" । ସେ କ୍ଷମାଯାଚନା କଲା ଏବଂ ଆପଣ ଅ.ସଙ୍କୁ ମଧ୍ୟ କ୍ଷମା ମାଗିଲା ଯେ, ହୁଜୁର ! ମୁଁ ଆଉ କାନ୍ଦିବି ନାହିଁ । ମୀର୍ ସାହେବଙ୍କ ମାତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କୁ ଆସି କହିଲେ, ହୁଜୁର ! ସେମାନଙ୍କୁ ଆପଣ ଅ.ସ କ୍ଷମା କରି ଦିଅନ୍ତୁ । ସେହି ମହିଳା ଈଶ୍ୱରଙ୍କ ନିକଟରେ କ୍ଷମା ମାଗି ନେଲାଣି ଏବଂ ସେ କାନ୍ଦିବା ମଧ୍ୟ ବନ୍ଦ କରି ଦେଲାଣି । ହ. ମସିହ୍ ମଉଦ୍ ଅ.ସ କହିଲେ, ଆଛା ତାହା ହେଲେ ଛାଡ଼ ସେମାନଙ୍କୁ ରହିବାକୁ ଦିଅ । ଘରୁ ତଡ଼ନା (ବାହାର କର ନା) । ଅନ୍ତିମ ସଂସ୍କାର ନିମନ୍ତେ ବ୍ୟବସ୍ଥା କର ।"

ହୁଜୁର୍ ଅନୱର୍ ଅ.ବ କହିଲେ, ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ସମ୍ବଳିତ ପ୍ରତିକ୍ରିୟା ସଂପର୍କରେ ବର୍ଣ୍ଣନା କରି କୁହନ୍ତି: ଏ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କର ପ୍ରତିକ୍ରିୟା ଓ ମନ୍ତବ୍ୟ । ୟାକୁବ୍ ଅଲୀ ଇର୍ଫାନୀ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ଶବ୍ଦରେ ବର୍ଣ୍ଣନା କରନ୍ତି ଯେ,"ମୋତେ ଯେତେବେଳେ ବି ଡେଲହାଉସୀ ଯିବାର ଅବସର ପ୍ରାପ୍ତ ହେଉଥିଲା ସେତେବେଳେ ପର୍ବତର ସବୁଜିମା ଭାଗ ଏବଂ ପ୍ରବାହିତ ହେଉଥିବା ଝରଣାକୁ ଦେଖି ସ୍ୱଭାବ ସ୍ୱତଃ ସ୍ୱତଃ ଭାବରେ ଅଲ୍ଲାଃତାଲାଙ୍କ ପ୍ରଶଂସାର ଉତ୍ସାହ ସୃଷ୍ଟି ହେଉଥିଲା ଏବଂ ଉପାସନା କରିବାରେ ମଧ୍ୟ ମଜା ଲାଗୁଥିଲା । ମୁଁ ଦେଖୁଥିଲି ଯେ, ସେଠାରେ ଏକାନ୍ତ ମୁହୂର୍ତ୍ତ ପାଇଁ ବେଶ୍ ଭଲ ଅବସର ମିଳିଥାଏ ।" **(ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃ-85)**

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ସ୍ୱାଦ, ପ୍ରେମ ଓ ଆନ୍ତରୀକତାର ଚର୍ଚ୍ଚା କରି ଏକ ସ୍ଥାନରେ ଆପଣ ଅ.ସ କହିଲେ, "ଏକ ସ୍ୱାଦିଷ୍ଟ ଈଶ୍ୱର ପ୍ରେମ ଯାହା ମୃତ୍ୟୁଜନିତ ସ୍ୱାଦ ଦ୍ୱାରା ପ୍ରାପ୍ତ ସେହି ପ୍ରେମ ଈଶ୍ୱରାନୁରାଗୀ ବ୍ୟକ୍ତିମାନଙ୍କର ହୃଦୟ ମଧ୍ୟରେ ନିହିତ ରଖାଯାଇଥାଏ ହୁଜୁର୍ ଅନୱର୍ ଅ.ବ କହିଲେ, ଯଦି ସେମାନଙ୍କର ଅସ୍ତିତ୍ୱ ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥିବା ବ୍ୟକ୍ତିମାନଙ୍କୁ, ସେମାନଙ୍କର ଅସ୍ତିତ୍ୱକୁ ବିପତ୍ତିର ଚକ୍କି ମଧ୍ୟରେ ପେଷି ଦିଆଯାଏ ଏବଂ ଅତ୍ୟନ୍ତ ଭୀଷଣ ପଞ୍ଚା (ଲେମ୍ବୁ ଚିପୁଡ଼ା ଯନ୍ତ୍ର) ମଧ୍ୟରେ ଦେଇ ସେମାନଙ୍କୁ ଚିପୁଡ଼ି ଦିଆଯାଏ ତେବେ ସେମାନଙ୍କର ରସ ଈଶ୍ୱର ପ୍ରେମ ବ୍ୟତୀତ ଅନ୍ୟ କିଛି ନୁହେଁ ।"

**(ସୁର୍ମା ଚଶ୍ମା ଆର୍ଯ୍ୟା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-2, ପୃ-79, ବି.ଦ୍ର)**

ହୁଜୁର୍ ଅନୱର୍ ଅ.ବ କହିଲେ, ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥିବା ବ୍ୟକ୍ତିମାନଙ୍କର ହୃଦୟରେ ଈଶ୍ୱରଙ୍କ ପ୍ରେମ ଭର୍ତ୍ତି ହୋଇ ରହିଥାଏ । ସେମାନଙ୍କୁ ପେଷଣ କରୁଥିବା ଗ୍ରାଇଣ୍ଡର ମଧ୍ୟରେ ବି ଯଦି ପକାଇ ଦିଆଯାଏ ଓ ଚିପୁଡ଼ି ଦିଆଯାଏ, ଛାଞ୍ଚ ମଧ୍ୟରେ ପକାଇ ଚିପୁଡ଼ି ଦିଆଯାଏ ତେବେ ମଧ୍ୟ ସେମାନଙ୍କ ଠାରେ ସେହି ଈଶ୍ୱର ପ୍ରେମ ବ୍ୟତୀ ଅନ୍ୟ କିଛି ବି ମିଳିବ ନାହିଁ ।

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ମଲକ୍ ମୌଲା ବଖ୍‌ଶ୍ ସାହେବଙ୍କ ଠାରୁ ବର୍ଣ୍ଣନା କରନ୍ତି: "ସାହିବଜାଦା ସ୍ୱର୍ଗତ ହ. ମିର୍ଜା ମୁବାରକ୍ ଅହମଦ୍ ସାହେବ ଯେତେବେଳେ ଅସୁସ୍ଥ ଥିଲେ ସେତେବେଳେ ତାଙ୍କ ସଂକ୍ରାନ୍ତରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଗମ୍ଭୀର ଚିନ୍ତାର ସୂଚନା ସମୟେ ସମୟେ ମିଳୁଥିଲା । ଯେତେବେଳେ ସାହିବଜାଦାଙ୍କ ମୃତ୍ୟୁ ଘଟିଲା ସେତେବେଳେ ସର୍ଦ୍ଦାର୍ ଫଜଲ୍ ହକ୍ ସାହେବ ଏବଂ ସ୍ୱର୍ଗତ ଡାକ୍ତର ଇବାଦୁଲ୍ଲାଃ ସାହେବ ଅର୍ଥାତ୍ ସେ ନିଜେ ଶୋକ ବ୍ୟକ୍ତ କରିବା ନିମନ୍ତେ କାଦିୟାନ୍ ଆସିଲେ । କିନ୍ତୁ ଯେତେବେଳେ ହୁଜୁର୍ ଅ.ସ ମସ୍‌ଜିଦ୍‌କୁ ଆସିଲେ ସେତେବେଳେ ହୁଜୁର ଅ.ସ ପୂର୍ବବତ୍ ବରଂ ପୂର୍ବାପେକ୍ଷା ଅଧିକ ପ୍ରସନ୍ନ ଥିଲେ । ପ୍ରସନ୍ନ ଥିବାର ଦୃଶ୍ୟମାନ ହେଉଥିଲେ । ଯେତେବେଳେ ସାହିବ୍‌ଜାଦାଙ୍କ ବିୟୋଗର ଚର୍ଚ୍ଚା କଥା ଆସିଲା ସେତେବେଳେ ହୁଜୁର ଅ.ସ କହିଲେ, ମୁବାରକ୍ ଅହମଦ୍ ମୃତ୍ୟୁବରଣ କରି ସାରିଛି । ମୋ ପରମେଶ୍ୱରଙ୍କ କଥା ସତ ହେଲା । ସେ ପୂର୍ବେ ହିଁ ମୋତେ କହି ଦେଇଥିଲେ ଯେ, ଏହି ପୁତ୍ର ସନ୍ତାନର ଶୀଘ୍ର ମୃତ୍ୟୁ ଘଟିବ କିମ୍ବା ଏହି ପୁତ୍ର ସନ୍ତାନ ଈଶ୍ୱରଙ୍କ ଲୀଳାର ପରିପ୍ରକାଶକ ଓ ଈଶ୍ୱରାନୁରାଗୀ ହେବ । ଅତଏବ୍ ଅଲ୍ଲାଃତାଲା ତାକୁ ଡାକିନେଲେ । ଗୋଟିଏ ମୁବାରକ୍ ଅହମଦ୍ ଗଲା । ଯଦି ସହସ୍ର ସହସ୍ର ପୁତ୍ର ସନ୍ତାନ ଜନ୍ମ ନିଅନ୍ତି ଏବଂ ସହସ୍ର ସହସ୍ର ପୁତ୍ର ସନ୍ତାନ ମୃତ୍ୟୁବରଣ କରନ୍ତି ଓ ମୋର ପରମେଶ୍ୱର ଯଦି ପ୍ରସନ୍ନ ହୁଅନ୍ତି ତେବେ ମୁଁ ମଧ୍ୟ ତହିଁରେ ପ୍ରସନ୍ନ ହେବି । ଈଶ୍ୱରଙ୍କ ପ୍ରସନ୍ନତାରେ ମୁଁ ମଧ୍ୟ ପ୍ରସନ୍ନ ଅଟେ ।"ଆପଣ ଅ.ସ ପରିସ୍ଥିତି ଦେଖି କହିଛନ୍ତି । ଆମେମାନେ ଶୋକ ପ୍ରକାଶ କିରବାକୁ ଲାଗି ଯାଇଥିଲୁ । ଆମମାନଙ୍କ ମଧ୍ୟରୁ କାହାରିକୁ ଶୋକ ବ୍ୟକ୍ତ କରିବା ନିମନ୍ତେ ସାହସ ହେଲା ନାହିଁ ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-2, ବର୍ଣ୍ଣନା ସଂଖ୍ୟା-1191)**

ହୁଜୁର୍ ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ପବିତ୍ର ଅସ୍ତିତ୍ୱରୁ ଆପଣ ଅ.ସଙ୍କ ପ୍ରକୃତ ପ୍ରେମ ଦୃଶ୍ୟମାନ ହେଉଥିଲା । ଏକଦା ମୁଁ ଆପଣ ଅ.ସଙ୍କୁ ଦୁଆ କରୁଥିବା ଏବଂ ଆପଣ ଅ.ସଙ୍କୁ କାନ୍ଦୁଥିବାର ଦେଖିଲି । ଆପଣ ଅ.ସ ଅତ୍ୟନ୍ତ ବେଦନାପୂର୍ବକ ଓ କାକୁତି ମିନତୀ ହୋଇ ନିଜର ପରମେଶ୍ୱର ଓ ନିଜର ପ୍ରିୟତମ ଈଶ୍ୱରଙ୍କୁ ଡାକୁଥିଲେ । ଆପଣ ଅ.ସ ବାରମ୍ବାର ଏହା କହୁଥିଲେ ଯେ, ହେ ମୋର ପ୍ରିୟ ଅଲ୍ଲାଃ ! ହେ ମୋର ପ୍ରିୟ ଅଲ୍ଲାଃ ! ଆପଣ ଅ.ସଙ୍କ ମୁଖରୁ ଏହି ବାଣୀ ନିସୃତ ହେଉଥିଲା......... ଆପଣ ଅ.ସ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ପ୍ରେମୀ ଥିଲେ ଓ ନିଜର ପାଳନକର୍ତ୍ତାଙ୍କର ମଧ୍ୟ ପ୍ରକୃତ ପ୍ରେମୀ ଥିଲେ । ଆପଣ ଅ.ସଙ୍କ ମୁଖ ଉପରେ ସେହି ପ୍ରେମର ଆଲୋକ ଉଦ୍ଭାସିତ ହେଉଥିଲା । ଆପଣ ଅ.ସଙ୍କ ତୁଣ୍ଡରୁ ସେହି ଆଲୋକ ନିଃସୃତ ହେଉଥିଲା, ଆପଣ ଅ.ସଙ୍କ ତୁଣ୍ଡରୁ ଆଲୋକର ଝରଣାମାନ ପ୍ରବାହିତ ହେଉଥିଲା । କିନ୍ତୁ ଯେଉଁ ଲୋକମାନଙ୍କର ଚକ୍ଷୁ ଥିଲା ସେମାନଙ୍କ ଚକ୍ଷୁ ଥାଇ ମଧ୍ୟ ସେମାନେ ଆପଣ ଅ.ସଙ୍କୁ ଦେଖି ପାରିଲେ ନାହିଁ (ଅର୍ଥାତ୍ ସେହି ପ୍ରତିଶ୍ରୁତ ମସିହ୍ ଅ.ସଙ୍କୁ ଚିହ୍ନି ପାରିଲେ ନାହିଁ)(ହ. ନଓ୍ୱାବ୍ ମୁବାରକା ବେଗମ୍ ସାହେବା ର.ଅଙ୍କ ଦ୍ୱାରା ବର୍ଣ୍ଣିତ ବର୍ଣ୍ଣନା) ।

**(ହ. ମୁବାରକା ବେଗମ୍ ସାହେବାଙ୍କ ଲେଖନୀ, ପୃ-312-313)**

ହୁଜୁର୍ ଅନୱର୍ ଅ.ବ କହିଲେ, ଲୁଧିୟାନାର ଜଣାଶୁଣା ବ୍ୟକ୍ତି ସୁଫି ହ. ମୁନସୀ ଅହମଦ୍ ଜାନ୍ ସାହେବ ଯେତେବେଳେ ହଜ୍‌କୁ ଯିବାକୁ ଲାଗିଲେ ସେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ତାଙ୍କୁ ହଜ୍ ଯିବା ପୂର୍ବରୁ ଏକ ପତ୍ର ଲେଖିଲେ । ସେହି ପତ୍ରରେ ଆପଣ ଅ.ସ ଏହା ଉଲ୍ଲେଖ କରନ୍ତି ଯେ, "ଏହି ଅକର୍ମଣ୍ୟ ବିନୀତର ସବିନୟ ଅନୁରୋଧକୁ ଆପଣ ମନେରଖନ୍ତୁ କି ଯେତେବେଳେ ଆପଣଙ୍କୁ ଅଲ୍ଲାଃତାଲାଙ୍କ କୃପାରୁ ବୈତୁଲ୍ଲାଃର ଦର୍ଶନ ସମ୍ଭବପର ହେବ ସେତେବେଳେ ସେହି ପ୍ରଶଂସିତ ଏବଂ ପବିତ୍ର ସ୍ଥାନରେ ଈଶ୍ୱରଙ୍କ ଏହି ତୁଚ୍ଛ ଭକ୍ତ ପକ୍ଷରୁ ସେହି ଶବ୍ଦ ମାଧ୍ୟମରେ ଦାରିଦ୍ର୍ୟ ହସ୍ତ ଉଠାଇ ନିବେଦନ କରନ୍ତୁ ଯେ, ହେ ଅଶେଷ ଦୟାବାନ୍ ଏବଂ ସଦା କରୁଣାମୟ ପ୍ରଭୁ! ତୁମ୍ଭର ଜଣେ ବିନୀତ ତଥା ଅକର୍ମଣ୍ୟ ଭକ୍ତ, ଦୋଷପୂର୍ଣ୍ଣ, ଅଯୋଗ୍ୟ ଗୁଲାମ୍ ଅହମଦ୍ ଯେକି ତୁମ୍ଭରି ଦେଶର ଭୂମିରେ ଅଛି, ତା'ର ଏହି ନିବେଦନ ରହିଛି ଯେ, ହେ ଅଶେଷ ଦୟାବାନ ପ୍ରଦର୍ଶନକାରୀ ଈଶ୍ୱର ତୁମ୍ଭେ ମୋ ଉପରେ ପ୍ରସନ୍ନ ହୋଇଯାଅ ଏବଂ ମୋର ଦୋଷଦୁର୍ବଳତା ଏବଂ ତ୍ରୁଟିବିଚ୍ୟୁତିକୁ କ୍ଷମା କରିଦିଅ । ତୁମ୍ଭେ ଅଶେଷ ଦୟାବାନ ଏବଂ ସଦା କରୁଣାମୟ ଅଟ । ତୁମ୍ଭେ ମୋ ଠାରୁ ସେହି କାର୍ଯ୍ୟ ସମ୍ପାଦନ କରାଅ ଯେଉଁ କର୍ମ କରିବା ଦ୍ୱାରା ତୁମ୍ଭେ ମୋ ଉପରେ ପ୍ରସନ୍ନହୋଇଯିବ । ହେ ଈଶ୍ୱର! ତୁମ୍ଭେ ମୋ ମଧ୍ୟରେ ଏବଂ ମୋର ଆତ୍ମା ମଧ୍ୟରେ ପୂର୍ବ ଓ ପଶ୍ଚିମର ଦୂରତା ସୃଷ୍ଟି କରିଦିଅ, ତୁମ୍ଭେ ମୋର ଜୀବନ, ମୋର ମୃତ୍ୟୁ ଏବଂ ମୋର ପ୍ରତ୍ୟେକ ଶକ୍ତି ଯାହାକି ମୋତେ ପ୍ରାପ୍ତ ହୋଇଛି ନିଜର ମାର୍ଗରେ ବ୍ୟୟ କରାଇଦିଅ ଏବଂ ନିଜର ପ୍ରେମରେ ମୋତେ ଜୀବିତ ରଖି ଏବଂ ନିଜର ପ୍ରେମରେ ମୋତେ ମୃତ୍ୟୁ ପ୍ରଦାନ କର ଓ ମୋତେ ନିଜର ପ୍ରିୟତମଙ୍କ ମଧ୍ୟରେ ମୃତ୍ୟୁ ପ୍ରଦାନ କର । ହେ ସର୍ବାଧିକ ଦୟା ପ୍ରଦର୍ଶନକାରୀ ଅଲ୍ଲାଃ! ତୁମ୍ଭେ ମୋତେ ଯେଉଁ କାର୍ଯ୍ୟ ପ୍ରକାଶନ କରିବା ସକାଶେ ପ୍ରେରଣ କରିଅଛ, ଯେଉଁ

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ସେବା ନିମନ୍ତେ ତୁମ୍ଭେ ମୋ ମନରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଅଛି ତାହାକୁ ନିଜର କୃପା ଦ୍ୱାରା ଶେଷ ପର୍ଯ୍ୟନ୍ତ ପହଞ୍ଚାଅ । ହେ ଈଶ୍ୱର ! ତୁମ୍ଭେ ଏହି ବିନୀତର ହସ୍ତ ମାଧ୍ୟମରେ ବିରୋଧୀମାନଙ୍କ ଉପରେ ଇସ୍‌ଲାମ୍ ଧର୍ମର ପ୍ରମାଣକୁ ସିଦ୍ଧ ଓ ଚରିତାର୍ଥ କର । ସେହିପରି ତୁମ୍ଭେ ସେମାନଙ୍କ ଉପରେ ମଧ୍ୟ ଇସ୍‌ଲାମ୍ ଧର୍ମର ପ୍ରମାଣକୁ ସିଦ୍ଧ ଓ ଚରିତାର୍ଥ କର ଯେଉଁମାନେ ଇସ୍‌ଲାମ୍ ଧର୍ମର ସୁଗୁଣାବଳୀ ଠାରୁ ଅନବଗତ ଅଟନ୍ତି। ସେହିପରି ହେ ଈଶ୍ୱର ! ତୁମ୍ଭେ ବିନୀତର ନିଷ୍ଠାପର, ସାହାଯ୍ୟକାରୀଙ୍କୁ ମୁକ୍ତି ପ୍ରଦାନ କରେ ଏବଂ ସେମାନଙ୍କ ଉପରେ ଦୟାର ସମର୍ଥନ ପ୍ରକାଶ କରି ଧର୍ମ ଏବଂ ସଂସାରରେ ସେମାନଙ୍କ ପାଳନକର୍ତ୍ତା ରୂପେ ସହାୟକ ହୋଇଯାଅ । ହେ ଈଶ୍ୱର ତୁମ୍ଭେ ସମସ୍ତଙ୍କୁ ନିଜର ପ୍ରସନ୍ନତାର ଗୃହରେ ପହଞ୍ଚାଇ ଦିଅ ଏବଂ ପରିବାର, ବନ୍ଧୁ ପରିଜନମାନମଙ୍କ ଉପରେ ଅଧିକରୁ ଅଧିକ ଦୁରୁଦ୍ ଓ ସଲାମ୍ (ଶାନ୍ତି) ଏବଂ କଲ୍ୟାଣ ଅବତୀର୍ଣ୍ଣ କର ।"

**(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ-ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ, ପୃ-541-542)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ପୂର୍ଣ୍ଣ ଦୁଆର କେତେକ ଭାଗ ପାଠ କରିଛି । ସମ୍ଭବତଃ ମଝିରୁ କେତେକ ଅଂଶ ଛାଡ଼ି ଯାଇଥିବ । ସେ ଯାହା ହେଉ ହ. ମୁନ୍‌ସୀ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାନୁଯାୟୀ ନିଜର ଜମାଅତ୍ (ହଜ୍ କରିବାକୁ ଯାଇଥିବା ତୀର୍ଥଯାତ୍ରୀ ଦଳଙ୍କ ସହିତ) ସହିତ ବୃହତ୍ ହଜ୍ ତୀର୍ଥ ଅବସରରେ ବୈତୁଲ୍ଲାଃ ଏବଂ ଅରଫାତ୍ ଠଠାରେ ଏହି ଦୁଆ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେମାନେ ଦେଖୁ ଯେ, ହ. ମସିହ୍ ମଉଦ ଅ.ସଙ୍କ ଗୋଟିଏ ଗୋଟିଏ ଅକ୍ଷର କିପରି ଈଶ୍ୱର ପ୍ରେମ ଦ୍ୱାରା ପୂର୍ଣ୍ଣ ଓ ରଙ୍ଗୀନ ଅଟେ । ଆପଣ ଅ.ସ ଏକେଶ୍ୱରବାଦଙ୍କ ସହିତ ପ୍ରେମର ପରିପ୍ରକାଶ କରିଛନ୍ତି ଏବଂ ଆପଣ ଅ.ସଙ୍କ ଈଶ୍ୱର ପ୍ରେମର ଶବ୍ଦଗୁଡ଼ିକ ତୁଳାର ଖୋଳପା ଉନ୍ମୁକ୍ତ ହେବା ପରି ଦୃଶ୍ୟମାନ ହୋଇଥାଏ ।

ହୁଜୁର ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ କହୁଛି ଯେ, ଯଦି ଉକ୍ତ ପ୍ରସଙ୍ଗ ସଂପର୍କରେ ମୋ ମନରେ ବିଶ୍ୱାସ ସୃଷ୍ଟି କରାଯାଏ ଯେ, ଈଶ୍ୱରଙ୍କ ସହିତ ପ୍ରେମ କରିବା ଏବଂ ତାହାଙ୍କ ଆଜ୍ଞାବହତ୍ୱରେ କଠୋରରୁ ଅତି କଠୋର ଦଣ୍ଡ ପ୍ରଦାନ କରାଯିବ ତେବେ ମୁଁ ଶପଥ (ରାଣ ଖାଇ) କରି କହୁଛି ଯେ, ମୋର ସ୍ୱଭାବ ଏପରି ତେବେ ସେହିସବୁ କଷ୍ଟକୁ ଏବଂ ବିପତ୍ତିକୁ ଆନନ୍ଦ ସହକାରେ, ପ୍ରେମର ସହିତ ଓ ଉତ୍ସାହ ତଥା ଆଗ୍ରହର ସହିତ ସହ୍ୟ କରିବା ନିମନ୍ତେ ପ୍ରସ୍ତୁତ ଅଟେ । ଏପରି ବିଶ୍ୱାସ ସତ୍ତ୍ୱେ ଯଦି ଶାସ୍ତି ଏବଂ ଦୁଃଖ ଆକାରରେ ପ୍ରଦାନ କରାଯାଏ ତେବେ କେବେ ବି ଈଶ୍ୱରଙ୍କ ଆଜ୍ଞାବହତ୍ୱତା ଠାରୁ ପାଦେ ବାହାରେ କାଢିବାକୁ ସହସ୍ର ନୁହେଁ ବରଂ ଅସୀମ ମୃତ୍ୟୁ ଅପେକ୍ଷା ଅଧିକ ଦୁଃଖ ଓ ବିପତ୍ତିର ସମାହାର ବିବେଚିତ କରିଥାଏ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ-517, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହୁଜୁର୍ ଅ.ସ କହିଲେ,"ସେହି ବ୍ୟକ୍ତି ହେଉଛି ହତଭାଗ୍ୟ ବ୍ୟକ୍ତି ଯାହାକୁ ଏପର୍ଯ୍ୟନ୍ତ ଜଣା ନାହିଁ ଯେ, ତା'ର ଗୋଟିଏ ଈଶ୍ୱର ଅଟନ୍ତି ଯିଏ ସମସ୍ତ ବସ୍ତୁ ଉପରେ ସର୍ବଶକ୍ତିମାନ ଅଟନ୍ତି ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆମର ସ୍ୱର୍ଗ ହିଁ ଆମ ଈଶ୍ୱର ଅଟନ୍ତି । ଆମମାନଙ୍କର ସକଳ ସ୍ୱାଦ ଅର୍ଥାତ ସୁଖ ସ୍ୱାଚ୍ଛନ୍ଦ୍ୟ ଆମ ଈଶ୍ୱରଙ୍କ ମଧ୍ୟରେ ରହିଛି । କାରଣ ଆମେମାନେ ତାହାଙ୍କୁ ଦେଖିଲୁ ଓ ସକଳ ପ୍ରକାରର ସୌନ୍ଦର୍ଯ୍ୟ ତାହା(ସେହି ଈଶ୍ୱର)ଙ୍କ ମଧ୍ୟରେ ପାଇଲୁ । ଜୀବନ ଦେବା ଦ୍ୱାରା ଯଦି ଉକ୍ତ ଧନକୁ ପ୍ରାପ୍ତ ହୁଏ ତେବେ ତାହା ଗ୍ରହଣଯୋଗ୍ୟ ଅଟେ । ନିଜର ଅସ୍ତିତ୍ୱକୁ ହରାଇବା ଦ୍ୱାରା ଯଦି ଉକ୍ତ ମୁକ୍ତା ପ୍ରାପ୍ତ ହୁଏ ତେବେ ତାହା ଗ୍ରହଣଯୋଗ୍ୟ ଅଟେ (ଅର୍ଥାତ୍ ନେଇନେବା ଉଚିତ୍)। ହେ ବଞ୍ଚିତ ବ୍ୟକ୍ତିମାନେ ! ତୁମେମାନେ ସେହି ନିର୍ଝର (ଝରଣା) ଆଡ଼କୁ ଦଉଡ଼ । କାରଣ ସେହି ଝରଣା ହିଁ ତୁମମାନଙ୍କୁ ସେଚିତ କରିବ । ଏହି ଝରଣାଟି ଜୀବନର ଝରଣା ଅଟେ ଯାହା ତୁମମାନଙ୍କର ପ୍ରାଣକୁ ରକ୍ଷା କରିବ । ମୁଁ କ'ଣ କରିବି ଏବଂ କିପରି ଉକ୍ତ ଶୁଭ ସୂଚନାକୁ ଲୋକମାନଙ୍କ ହୃଦୟରେ ଆସନିତ କରାଇବି । କେଉଁ ଢୋଲ ଦ୍ୱାରା (ବଜାଇ) ମୁଁ ବଜାରରେ ଘୋଷଣା (ଡାକ ମାରୁଥିବି) କରୁଥିବି ଯେ, ଏ ହିଁ ହେଉଛନ୍ତି ତୁମମାନଙ୍କର ଈଶ୍ୱର ଏବଂ ଲୋକମାନେ ମୋ ଡାକକୁ ଶୁଣି ନିଅନ୍ତୁ। ମୁଁ କେଉଁ ଔଷଧ ଦ୍ୱାରା ଚିକିତ୍ସା କରିବି ଯେ, ଶ୍ରୋତାମାନଙ୍କର କର୍ଣ୍ଣ (କାନ) ଉନ୍ମୁକ୍ତ (ଖୋଲିଯିବ) ହେବ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ହେ ଲୋକମାନେ ! ତୁମେମାନେ ଯଦି ଈଶ୍ୱରଙ୍କ ହୋଇଯିବ ତେବେ ନିଃସନ୍ଦେହ ରୂପେ ତୁମେମାନେ ଏହା ବୁଝିନିଅ ଯେ, ଈଶ୍ୱର ମଧ୍ୟ ତୁମର ହୋଇଯିବେ । ତୁମେମାନେ ଯେତେବେଳେ ଶୋଇବ ସେତେବେଳେ ଈଶ୍ୱର ତୁମ ଲାଗି ଚେଇଁବେ (ଜାଗ୍ରତ ରହିବେ) । ତୁମେମାନେ ଶତ୍ରୁ ଠାରୁ ଅବଚେତନ ରହିବ ଈଶ୍ୱର ଶତ୍ରୁକୁ ଦେଖିବେ ଓ ଶତ୍ରୁର ସମସ୍ତ ଯୋଜନାକୁ ଭାଙ୍ଗି ଚୁରମାର୍ କରିଦେବେ (ପଣ୍ଡ କରିଦେବେ) । ତୁମେମାନେ ଏପର୍ଯ୍ୟନ୍ତ ଜାଣି ନାହଁ ଯେ, ତୁମ ଈଶ୍ୱରଙ୍କ ମଧ୍ୟରେ କେଉଁ କେଉଁ ଗୁଣ ରହିଛି ? ତୁମେମାନେ ଯଦି ଜାଣିଥାଆନ୍ତ ଯେ, ତୁମ ଉପରେ ଏପରି ଏକ ଦିନ ଆସିବ ଯେ, ତୁମେମାନେ ସଂସାର ନିମନ୍ତେ ଅତ୍ୟନ୍ତ ଦୁଃଖିତ ହୋଇାଇଥାଆନ୍ତ । ଜଣେ ବ୍ୟକ୍ତି ପାଖରେ ଏକ ନିଧି ରହିଛି, ତେବେ କ'ଣ ସେହି ବ୍ୟକ୍ତି ଗୋଟିଏ ପଇସା ନଷ୍ଟ (କ୍ଷତି) ହେବା ଦ୍ୱାରା କାନ୍ଦି ଥାଏ ଓ ଚିତ୍କାର କରିଥାଏ ଏବଂ ମରିବାକୁ ଲାଗିଥାଏ କି? ଅତଏବ୍ ଯଦି ତୁମକୁ ସେହି ନିଧି ସଂପର୍କରେ ସୂଚନା ମିଳିଥାଆନ୍ତା ଯେ, ଈଶ୍ୱର ତୁମର ପ୍ରତ୍ୟେକ ଆବଶ୍ୟକତା ସମୟରେ ସହାୟକ ହେବେ ତୁମେ ସଂସାର ପାଇଁ (ସକାଶେ) ଏପରି କାହିଁକି ଅବଚେତନ ହୋଇଥାଆନ୍ତ । ଈଶ୍ୱର ଏକ ସୁନ୍ଦର ନିଧି ଅଟନ୍ତି । ତାହାଙ୍କର ମୂଲ୍ୟକୁ ଅନୁଭବ କର । କାରଣ ସେ ତୁମର ପ୍ରତ୍ୟେକଟି ପାଦରେ ତୁମର ସାହାଯ୍ୟକାରୀ ସାବ୍ୟସ୍ତ ହେବ । ତୁମେ ଈଶ୍ୱରଙ୍କ ବିନା କିଛି ନୁହଁ (ଈଶ୍ୱରଙ୍କ ସତ୍ତା ବିନା ତୁମର କୌଣସି ଅସ୍ତିତ୍ୱ ନାହିଁ) । ଅନ୍ୟଥା ତୁମମମାନଙ୍କର ସାଧନ ଏବଂ ଯୋଜନାର କୌଣସି ମୂଲ୍ୟ ଓ ଅସ୍ତିତ୍ୱ ନାହିଁ।"

**(କିସ୍ତି ନୁହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃ-21-22)**

ହୁଜୁର ଅନୱର୍ ଅ.ବ କହିଲେ, ପୁନଶ୍ଚ ଈଶ୍ୱର ପ୍ରେମର ପରିପ୍ରକାଶ କରି ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଶୈଳୀରେ ଆପଣ ଅ.ସ କହିଲେ, "ହେ ମୋର ଈଶ୍ୱର ! ହେ ମୋ ପ୍ରଭୁ! ମୋର ପ୍ରିୟ ମାଲିକ ! ମୋର ପ୍ରିୟତମ ଈଶ୍ୱର ! ସଂସାର ମୋତେ ଏହା କହେ: "ଅର୍ଥାତ୍ ନିଜକୁ କହୁଛନ୍ତି ଯେ, ହେ ଈଶ୍ୱର ! ସଂସାର ମୋତେ ଏହା କହୁଛି ଯେ, ମୁଁ ଅବିଶ୍ୱାସକାରୀ ଅଟେ । କିନ୍ତୁ ତୁମ୍ଭ ଠାରୁ ପ୍ରିୟ ମୋତେ ଅନ୍ୟ କେହି ମିଳି ପାରିବ କି ? ଯଦି ଥାଏ ତେବେ ତା' ସକାଶେ ମୁଁ ତୁମ୍ଭକୁ ପରିତ୍ୟାଗ କରିଦେବି । କିନ୍ତୁ ମୁଁ ଦେଖୁଛି ଯେ, ମୁଁ ଏହା ଦେଖୁଛି ଯେ, ଲୋକମାନେ ଯେତେବେଳେ ସଂସାରରୁ ଅବଚେତନ ହୋଇଯାଆନ୍ତି, ଯେତେବେଳେ ମୋର ବନ୍ଧୁ ଏବଂ ଶତ୍ରୁମାନଙ୍କୁ ଏହା ଜ୍ଞାତ ନଥାଏ ଯେ, ମୁଁ କେଉଁ ଅବସ୍ଥାରେ ରହିଛି ? ସେତେବେଳେ ତୁମ୍ଭେ ମୋତେ ଜାଗ୍ରତ କରାଇଥାଏ ଏବଂ ଅତି ପ୍ରେମର ସହିତ ମୋତେ ଏହା କହିଥାଅ ଯେ, ହେ ଭକ୍ତ ! ତୁମ୍ଭେ ଦୁଃଖ ଏବଂ ପରିତାପ ପ୍ରକାଶ କର ନାହିଁ । ମୁଁ ତୁମ୍ଭ ସହିତ ଅଛି । ଅତଏବ୍ ହେ ମୋର ପରମେଶ୍ୱର ଏହା କିପରି ସମ୍ଭବ ଯେ, ସେହି ଉପାକର ଥାଉ ଥାଉ ମୁଁ ତୁମ୍ଭକୁ ପରିତ୍ୟାଗ (ଛାଡ଼ିଦେବି) କରିଦେବି । କଦାପି ନୁହଁ । କଦାପି ନୁହଁ ।"

**(ଜମାଅତ୍ ଅହମଦିୟାର ସଂସ୍ଥାପକ ଜୀବନୀ ଉପରେ ଆଧାରିତ ଭାଷଣ, ଲେଖକ-ମୌଲାନା ଶରୀଫ୍ ଅମିନୀ ସାହେବ, ପୃ-23-24)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଉଁ ନିଦର୍ଶନଗୁଡ଼ିକ ସଂପର୍କରେ ମୋତେ ଜ୍ଞାତ ଅଛି (ଜଣା) ସେହି ନିଦର୍ଶନଗୁଡ଼ିକୁ ମୁଁ ଗଣ୍ୟ (ଗଣି) କରିପାରିବ ନାହିଁ । ହେ ଈଶ୍ୱର ! ମୁଁ ତୁମ୍ଭକୁ ହିଁ ଜାଣି ଯେ, ତୁମ୍ଭେ ହିଁ ମୋର ଈଶ୍ୱର ଏବଂ ଆରାଧ୍ୟ ଦେବୋତା ଅଟ ।" ଅଲ୍ଲାଃତାଲାଙ୍କୁ ସମ୍ବୋଧିତ କରି ଆପଣ ଅ.ସ କହିଲେ: "ହେ ଈଶ୍ୱର ! ସେଇଥି ପାଇଁ ମୋର ଆତ୍ମା ତୁମ୍ଭ ନାମ ନେବା ମାତ୍ରେ ଉଚ୍ଛୁଳି ପଡ଼ିଥାଏ ଯେପରିକି ଜଣେ ଶିଶୁ ଯିଏ ନିଜ ନିଜ ମାକୁ ଦେଖିବା ମାତ୍ରେ ଉଚ୍ଛୁଳି ପଡ଼ିଥାଏ (ମା କୋଳକୁ ଡେଇଁ ପଡ଼ିଥାଏ) । କିନ୍ତୁ ଅନେକ ଲୋକମାନେ ମୋତେ ଚିହ୍ନିଲେ ନାହିଁ ଓ ନା ହିଁ ମୋତେ ସ୍ୱୀକାର କଲେ ।"

**(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-15, ପୃ-511)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ଈଶ୍ୱର ପ୍ରେମ ଥିଲା ଯାହା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ପ୍ରିୟ ମୁନିବଙ୍କ ଆଜ୍ଞାକବହତ୍ୱରେ ଅଲ୍ଲାଃତାଲାଙ୍କ ସହିତ ସୃଷ୍ଟି ହୋଇଥିଲା ଏବଂ ଆପଣ ଅ.ସ ନିଜର ଜମାଅତ୍‌କୁ ମଧ୍ୟ ଏଥି ନିମନ୍ତେ ଅନୁପ୍ରାଣିତ କରିଛନ୍ତି । ଆପଣ ଅ.ସ କହିଲେ: "ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ପ୍ରତ୍ୟେକ ବଳିଦାନ ନିମନ୍ତେ ପ୍ରସ୍ତୁତ ରୁହ । ଯେତେବେଳେ ତୁମେମାନେ ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ ଦେବ, ତାହାଙ୍କ ପ୍ରତି ପ୍ରେମ ଭାବାବାଗ ପରିପ୍ରକାଶ କରିବେ, ତାହାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବ ତେବେ ସେପରିପ୍ରେକ୍ଷୀରେ ବା ସେତେବେଳେ ଅଲ୍ଲାଃତାଲା ମଧ୍ୟ ତୁମକୁ ଏପରି ପ୍ରେମ କରିବେ ଯେପରିକି ସେ ଅର୍ଥାତ୍ ଅଲ୍ଲାଃତାଲା ପ୍ରତ୍ୟେକ ଶତ୍ରୁ ଠାରୁ ତୁମକୁ ରକ୍ଷା କରିବେ ଓ ତାହାଙ୍କ ପ୍ରସନ୍ନତା ସକାଶେ ତୁମେମାନେ ଯେଉଁ କାର୍ଯ୍ୟ କରିବ ସେହି କାର୍ଯ୍ୟ ଯୋଗୁଁ ଅଲ୍ଲାଃତାଲା ତୁମମାନଙ୍କୁ ଅସଂଖ୍ୟ ପୁରସ୍କାର ଇହକାଳରେ ଏବଂ ପରକାଳରେ ମଧ୍ୟ ପ୍ରଦାନ କରିବେ । ଅଲ୍ଲାଃତାଲ ଆମମାନଙ୍କୁ ଅଲ୍ଲାଃତାଲାର ଏପରି ପ୍ରିୟତମ କରି ଦିଅନ୍ତୁ ଏବଂ ପ୍ରେମ ପ୍ରଦର୍ଶନକାରୀ ବ୍ୟକ୍ତି କରି ଦିଅନ୍ତୁ । **ଆମିନ୍** । "

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ଜାଣନ୍ତି ଯେ, କାଲିଠୁ ନବ ବର୍ଷ ଆରମ୍ଭ ହୋଇ ସାରିଛି । ଲୋକମାନେ ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି ତେଣୁ ଏହି ନବ ବର୍ଷ ଉପଲକ୍ଷେ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି । ଆପଣମାନେ ସମସ୍ତ ଦୁଆ କରନ୍ତୁ କି ଚଳିତ ବର୍ଷ ଆମ ସମସ୍ତଙ୍କ ନିମନ୍ତେ ଅସଂଖ୍ୟ କଲ୍ୟାଣ ଉନ୍ନତିର ବର୍ଷ ସାବ୍ୟସ୍ତ ହେଉ। ଅଲ୍ଲାଃତାଲା ବିରୋଧୀ ଏବଂ ଶତ୍ରୁମାନଙ୍କର ଯୋଜନାକୁ ଧୂଳିସାତ୍ କରି ଦିଅନ୍ତୁ ଓ ଜମାଅତ୍‌କୁ ପୂର୍ବାପେକ୍ଷା ଅଧିକ ଉନ୍ନତି ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆମେମାନେ ବାହାର ଦେଶରେ ବାସ କରୁଛେ। ଆମେମାନେ ସ୍ୱାଧୀନ ଅଟୁ ଏବଂ ଆମେମାନେ କେବଳ ନବ ବର୍ଷର ଆନନ୍ଦ ପାଳନ କରୁ ନାହୁଁ ବରଂ ପାକିସ୍ତାନ ଇତ୍ୟାଦି ଦେଶରେ ମଧ୍ୟ ଲୋକମାନେ ନବ ବର୍ଷ ପାଳ କୁରଛନ୍ତି । ଏହିଭଳି ସମୟରେ ଆପଣମାନେ କାରାବରଣରେ ବନ୍ଦୀ ହୋଇଥିବା ନିଜର ଭାଇମାନଙ୍କୁ ମଧ୍ୟ ମନେରଖନ୍ତୁ । ଯେପରିକି ମୁଁ କହିଲି ପାକିସ୍ତନ୍‌ର କାରାବାସମାନଙ୍କରେ ଯେଉଁ ଅହମଦିମାନେ ଅଛନ୍ତି, **(ଅବଶିଷ୍ଟାଂଶ.......ପୃ-10ରେ)**

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଆମିନ୍ ।"

ଅତଃ ଜମାଅତ୍ ସଦସ୍ୟବୃନ୍ଦଙ୍କ ନିକଟରେ ଏତିକି **(ଅବଶିଷ୍ଟାଂଶ....ପୃ-12ରେ)**

## ପୃ-୨ରେ ବର୍ଣ୍ଣିତ ଖୁତବା ଜୁମା 02 ଜାନୁୟାରୀ 2026ରେ ଅବଶିଷ୍ଟାଂଶ....

ତନ୍ମଧ୍ୟରୁ ମୁବାରକ୍ ସାନି ସାହେବ ର.ଅଙ୍କ ସଂପର୍କରେ ଚର୍ଚ୍ଚା କରିଥିଲି । ମହୋଦୟଙ୍କୁ ଆଜୀବନ କାରାବାସ ଶାସ୍ତି ଦିଆଯାଇଛି । ସେହିପରି ଅନ୍ୟ ଯେଉଁ ଅହିମଦିମାନେ ରହିଛନ୍ତି, ସେମାନେ ମଧ୍ୟ କାରାବାସରେ ବନ୍ଦୀ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ସେମାନେ ବନ୍ଦୀ ଅବସ୍ଥାରେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ସହିତ ନୂତନ ବର୍ଷରେ ପଦାର୍ପଣ କରୁଛନ୍ତି (ନୂତନ ବର୍ଷରେ ପ୍ରବେଶ କରୁଛନ୍ତି)। ଅଲ୍ଲାଃତାଲା ସେମାନଙ୍କର କାରାମୁକ୍ତ ହେବା ନିମନ୍ତେ ଯଥାଶୀଘ୍ର ସାଧନ ସୃଷ୍ଟି କରନ୍ତୁ । ଆମେମାନେ ମଧ୍ୟ ସେହି ଅସୀରାନ୍‌ମାନଙ୍କୁ ଏବଂ କାରାବାସର କଷ୍ଟରେ ଗିରଫ ଥିବା ଅହମଦିମାନଙ୍କୁ ଅଲ୍ଲାଃତାଲାଙ୍କ ପ୍ରେମର ଅବବୋଧ ପୂର୍ବାପେକ୍ଷା ଅଧିକ ପ୍ରାପ୍ତ ହେଉ । ସମସ୍ୟା ଯୋଗୁଁ ଆମମାନଙ୍କର ଅଲ୍ଲାଃତାଲାଙ୍କ ସହିତ ପ୍ରେମରେ ନ୍ୟୁନତା ହେବା ପରିବର୍ତ୍ତେ ପୂର୍ବାପେକ୍ଷୀ ଅଧିକ ଅଭିବୃଦ୍ଧି ହେଉ । ନିଷ୍ପେଷିତ ଏବଂ ଅତ୍ୟାଚାରିତମାନଙ୍କ ନିମନ୍ତ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସଂସାରର ସମସ୍ତ ଅତ୍ୟାଚାରିତ ଏବଂ ନିଷ୍ପେଷିତମାନଙ୍କୁ ଅନ୍ୟାୟୀ ଓ ଅତ୍ୟାଚାରୀ ପଞ୍ଝାରୁ ମୁକୁଳାନ୍ତି ଏବଂ ସଂସାରରେ ଶାନ୍ତି ସ୍ଥାପିତ ହେଉ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ତିନି ଜଣ ମୃତକ ମୃତକାମାନଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରାଇବି । ପ୍ରଥମ ଯନାଜାଃ ହେଲା ଶ୍ରୀମତି ସ୍ୱର୍ଗତା ରିହାନା ବାସ୍‌ମା ସାହେବାଙ୍କର । ଆପଣ ସୟେଦ୍ ସୟେଦ୍ ଅହମଦ ସାହେବଙ୍କର ପତ୍ନି ଥିଲେ । ୨୦ ବର୍ଷ ବସୟସରେ ବିଗତ ଦିନ ତାଙ୍କର ବିୟୋଗ ହୋଇଛି ।انا لله وانا اليه راجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ମହୋଦୟା ଓସିୟତ୍ କରିଥିଲେ । ସ୍ୱର୍ଗତା ହ. ମସିହ୍ ମଉଦ୍ ଅ.ସଙ୍କ ପଣନାତୁଣୀ, ହ. ମିର୍ଜା ସୁଲତାନ୍ ଅହମଦ୍ ସାହେବ ର.ଙ୍କ ପୌତ୍ରୀ ଥିଲେ । ଆପଣ ହ. ମିର୍ଜା ଅଜିଜ୍ ଅହମଦ ସାହେବ ର.ଅଙ୍କ ସୁପୁତ୍ରୀ ଥିଲେ ଏବଂ ମୀର୍ ମୁହମ୍ମଦ୍ ଇସ୍‌ହାକ୍ ସାହେବ ର.ଅଙ୍କ ନାତୁଣୀ ଥିଲେ । ବିବାହ ପରେ ସ୍ୱର୍ଗତା ନିଜ ସ୍ୱାମୀଙ୍କ ସହିତ ପୂର୍ବ ଆଫ୍ରିକା ଚାଲି ଯାଇଥିଲେ। ସ୍ୱର୍ଗତା କେନିୟା ଠାରେ ଅବସ୍ଥାନ କରିଥିଲେ ଏବଂ ସେଠାରେ ମଧ୍ୟ ସେ ଲଜ୍‌ନା ଇମାଇଲ୍ଲାଃର କାର୍ଯ୍ୟ କରିଥିଲେ,ସେବା କରିଥିଲେ ଏବଂ ଅନେକ ଗୋଷ୍ଠୀ ସ୍ତରରେ ସେବା କରିଥିଲେ । ତାଙ୍କର ତିନି ଜଣ ପୁତ୍ର ସନ୍ତାନ ଅଛନ୍ତି । ତନ୍ମଧ୍ୟରୁ ଅନିସ୍ ଅହମଦ୍ ସାହେବ ଅନ୍ୟତମ ଅଟନ୍ତି । ଅନିସ ଅହମଦ୍ ସାହେବଙ୍କର ଦୁଇ ପୁତ୍ର ୱାକ୍‌ଫେ ଜିନ୍ଦିଗୀ ଅଟନ୍ତି । ସୟେଦ୍ ତାହିର୍ ଅହମଦ ରବ୍‌ୱା ଠାରେ ଏଡ଼ିଶନାଲ ନାଜିର୍ ନଶ୍ରୋ ଇଶାଅତ୍ ଏବଂ ସୟେଦ୍ ମୁଦସ୍‌ସିର୍ ଅହମଦ ସାହେବ ମଧ୍ୟ ୱାକ୍‌ଫେ ଜିନ୍ଦିଗୀ ଅଟନ୍ତି । ଆପଣ ନିଜାମତେ ଯାଏଦାଦ୍‌ରେ କାର୍ଯ୍ୟରତ ଅଟନ୍ତି । ସେହିପରି ତାଙ୍କର କନ୍ୟା ସାହେବା ଡାକ୍ତର ସୁଲତାନ୍ ଅହମଦ ସାହେବଙ୍କର ପତ୍ନି ଅଟନ୍ତି । ସେହିପରି ଫର୍‌ହାନା ସାହେବା ମିର୍ଜା କଲିମ ଅହମଦ ସାହେବଙ୍କର ପତ୍ନି ଅଟନ୍ତି । ସାହେବ୍‌ଜାଦା ମିର୍ଜା ୱସିମ୍ ଅହମଦ୍ ସହେବଙ୍କର ପୁତ୍ର ବଧୂ ଅଟନ୍ତି । ତାଙ୍କର ସୁପୁତ୍ର ସୟେଦ୍ ତାହିର୍ ଅହମଦ ବର୍ଣ୍ଣନା କରନ୍ତି ଯେ, ପବିତ୍ର କୁର୍‌ଆନ୍ କରୀମ୍ ପ୍ରତି ବେଶ୍ ରୁଚି ରଖୁଥିଲେ । ଆପଣ ନିୟମିତ ପବିତ୍ର କୁରଆନ୍ କରୀମର ତିଲାୱତ୍ କରୁଥିଲେ। ଖିଲାଫତ୍ ସହିତ ନିବିଡ଼ ଆନ୍ତରୀକତା ଏବଂ ପ୍ରେମପୂର୍ଣ୍ଣ ସଂପର୍କ ରହିଥିଲା । ଏସବୁ କଥା ସ୍ୱର୍ଗତାଙ୍କର ସନ୍ତାନମାନେ ଉଲ୍ଲେଖ କରିଛନ୍ତି । ସ୍ୱର୍ଗତା ଏହିସବୁ କଥା ନିଜର ସନ୍ତାନମାନଙ୍କ ମଧ୍ୟରେ ସୃଷ୍ଟି କରିଛନ୍ତି । ହୁଜୁର୍ ଅନ୍‌ୱର୍ ଆବ କହିଲେ, ସ୍ୱର୍ଗତାଙ୍କର ସୁପୁତ୍ର ଅନିସ୍ ଅହମଦ ସହାବେ ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ପରର ସୁଖ ଓ ଦୁଃଖରେ ଅବଶ୍ୟ ସାମ୍‌ଲେ ହେଉଥିଲେ । ସେହିପରି ନଫ୍‌ଲି ରୋଜା ପ୍ରତି ଆପଣ ବିଶେଷ ରୂପେ ଧ୍ୟାନ ଆକର୍ଷଣ କରୁଥିଲେ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ସୁପୁତ୍ରୀ ଫରହାନା ଫୋଜ୍ ସାହେବା ଉଲ୍ଲେଖ କରନ୍ତି ଯେ, ମୁଁ ପିଲାଟି ଦିନରୁ ମାତାଶ୍ରୀଙ୍କୁ ନମାଜ୍ ତହଜ୍ଜୁଦ୍ ନିୟମିତ ପାଠ କରୁଥିବାର ଦେଖିଅଛି । ମାତାଶ୍ରୀ ନିଜେ ନମାଜ୍‌ର ନିୟମାନୁବର୍ତ୍ତୀ ଥିଲେ ଏବଂ ନିଜର ସନ୍ତାନମାନଙ୍କୁ ମଧ୍ୟ ଯଥା ସମୟରେ ନମାଜ୍ ପାଠ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ପବିତ୍ର କୁରଆନ୍ କରୀମ୍ ପାଠ କରିବା ହେତୁ ମାତାଶ୍ରୀଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଦୀର୍ଘ ସୁରାଃ ମୁହେଁ ମୁହେଁ ମୁଖସ୍ତ ଥିଲା । ମାତାଶ୍ରୀ ଆମମାନଙ୍କୁ କହୁଥିଲେ ଯେ, ହେ ସନ୍ତାନମାନେ ! ତୁମେମାନେ ଉଚ୍ଚ ସ୍ୱରରେ ପବିତ୍ର କୁରଆନ୍ କରୀମର ତିଲାୱତ୍ କରିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍‌କୁ ବାରମ୍ବାର ପାଠ କରିବା ଯୋଗୁଁ, ପବିତ୍ର କୁରଆନ୍ କରୀମ୍‌ର ଗଭୀର ଅଧ୍ୟୟନ କରିବା ଯୋଗୁଁ ମାତାଶ୍ରୀଙ୍କ ମଧ୍ୟରେ ଏପରି ବିଶେଷତା ସୃଷ୍ଟିସ ହୋଇଯାଇଥିଲା ଯେ, ଆମେମାନେ ଯେତେବେଳେ ଦୂରରେ ବସି ପବିତ୍ର କରୁଆନ୍ କରୀମ୍ ପାଠ କୁରଥିଲୁ ଓ କୌଣସି ତ୍ରୁଟି (ଭୁଲ୍ ଭଟକା) କରୁଥିଲୁ ସେତେବେଳେ ଯଦି ତିଲାୱତ୍ ଶୁଣୁଥିଲେ ତେବେ ତ୍ରୁଟି ସଂଶୋଧନ କରି ଦେଉଥିଲେ । ସେହିପରି ମାତାଶ୍ରୀ ଅତିଥି ସତ୍କରାକ ମଧ୍ୟ ଥିଲେ । ବର୍ତ୍ତମାନ ଯେତେ ସୁବିଧା ରହିଛି ସେତେବେଳେ ଏପରି ସୁବିଧା ସୁଯୋଗ ନଥିଲା। ଶୀତରତୁରେ ଗରମ ପାଣି ଗିଜର ଦ୍ୱାରା ନୁହେଁ କି ବଏଲର୍ ଦ୍ୱାରା ମିଳୁ ନଥିଲା । ବରଂ ସକାଳେ ଉଠି ନିଜେ ଗରମ୍ କରିବାକୁ ପଡୁଥିଲା । କିନ୍ତୁ ମାତା ଅତିଥିମାନଙ୍କ ନିମନ୍ତେ ୱଜୁ କରିବାର ଜଳ ଉପଲବ୍ଧ କରାଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କର ସ୍ୱାମୀ ଯେ କି ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବଙ୍କର ସୁପୁତ୍ର ଥିଲେ, ତାଙ୍କ ସହିତ ବନ୍ଧୁତା ରହିଥିଲା । ଅତଏବ୍ ଖଲିଫା ରାବେ ର.ଅ ଯେତେବେଳେ ଯାତ୍ରାକୁ ଯାଉଥିଲେ ସେ ତେବେଳେ ସେଠାରେ ଆପଣ ଅବସ୍ଥାନ କରୁଥିଲେ । ଉକ୍ତ କଥାର ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ସ୍ୱୟଂ ମଧ୍ୟ ଚର୍ଚ୍ଚା କରିଛନ୍ତି ଯେ, ସ୍ୱର୍ଗତା ସ୍ୱୟଂ ସକାଳେ ଉଠି ମୋ ନିମନ୍ତେ ୱଜୁ ପାଇଁ ପାଣି ଗରମ କରି ସ୍ନାନାଗାରରେ ରଖି ଦେଉଥିଲେ । ଦିନେ ମୁଁ ଏହା ଚାହିଁଲି ଯେ, ମୁଁ ସ୍ୱୟଂ ଶୀଘ୍ର ଉଠିବି ଏବଂ ନିଜେ ପାଣି ଗରମ କରିବି । ସ୍ୱର୍ଗତାଙ୍କୁ କାହିଁକି କଷ୍ଟ ଦେବି । ମୁଁ ନିଜ ଆଡୁ ଶୀଘ୍ର ଉଠିଲି, କିନ୍ତୁ ଉଠିବା ପୂର୍ବରୁ ଦେଖିଲି ଯେ, ପାଣି ଗରମ୍ କରି ସ୍ନାନାଗାରରେ ଥୁଆ ହୋଇଛି। ସ୍ୱର୍ଗତାଙ୍କୁ ଅନେକ ଆର୍ଥିକ ସମସ୍ୟା ମଧ୍ୟ ସମ୍ମୁଖୀନ କରିବାକୁ ପଡ଼ିଥିଲା । କିନ୍ତୁ ଅତ୍ୟନ୍ତ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ଆପଣ ନିଜ ଘରକୁ ସମ୍ଭାଳିଥିଲେ ।

ହୁଜୁର ଅନ୍‌ୱର ଅ.ବ କହିଲେ, ଯେପରିକି ମୁଁ କହିଲି ସ୍ୱର୍ଗତା ପୂର୍ବେ କେନିୟା ଠାରେ ଥିଲେ । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ କହିବା ଯୋଗୁଁ ଏମାନେ ପାକିସ୍ତାନ ଫେରି ଆସିଲେ ଏବଂ ଏଠାକୁ ଆସିବା ପରେ ପୂର୍ବ ପରି ପରିସ୍ଥିତି ତ' ଆଉ ରହିଲା ନାହିଁ । କିନ୍ତୁ ହସ ଖୁସି ଏବଂ ଧୈର୍ଯ୍ୟ ଦ୍ୱାରା ସେ ସବୁ କିଛି ସହ୍ୟ କରିଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ଭଉଣୀ ଅକିକା ଫର୍ଜାନା ସାହେବା କୁହନ୍ତି ଯେ, ଭଉଣୀ ମହୋଦୟା ଜମାଅତୀୟ ସ୍ୱାଭିମାନ ଅଧିକ ରଖୁଥିଲେ । ଜମାଅତ୍ ବିରୁଦ୍ଧରେ କୌଣସି କଥା ଶୁଣିବାକୁ ପସନ୍ଦ କରୁ ନଥିଲେ । ସେହିପରି ତାଙ୍କର ଆଉ ଜଣେ ଭଉଣୀ ଦୁର୍‌ରେ ଶହ୍‌ୱାରା ଦର୍ଦ୍ଦାନା ସାହେବା କୁହନ୍ତି ଯେ, ସ୍ୱର୍ଗତା ଭଉଣୀ ତହଜ୍ଜୁଦ୍ ସମୟରେ ଉଠିବାର ଏତେ ଅଭ୍ୟାସ ରହିଥିଲା ଯେ, ବିନା ଆଲାରାମ୍‌ରେ ସେ ଉଠି ଯାଉଥିଲେ । ମୋର ପାଞ୍ଚ ଜଣ କନ୍ୟା ସନ୍ତାନ ଅଛନ୍ତି । ମୁଁ ପୁତ୍ର ସନ୍ତାନ ଯୋଗୁଁ ଚିନ୍ତିତ ଥିଲି । ଅତଏବ୍ ଭଉଣୀ ମୋତେ କହୁଥିଲେ ଯେ, କିଛି ଭ୍ରୂକ୍ଷେପ କର ନାହିଁ । ଅଲ୍ଲାଃତାଲା ଏହି କନ୍ୟାମାନଙ୍କର ଉତ୍ତମ ରିସ୍ତା ଆଣିଦେବେ । ଅତଏବ୍ ଅଲ୍ଲାଃତାଲା ଭଲ ପ୍ରସ୍ତାବ ମଧ୍ୟ କରାଇଦେଲେ । ଭଉଣୀ ମହୋଦୟା ଧୈର୍ଯ୍ୟଶୀଳୀ ଏବଂ କୃତଜ୍ଞତା ଜ୍ଞାପନକାରୀଣୀ, ସାହସୀନୀ ମହିଳା ଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ଲାଇବେରିୟାର ପୂର୍ବତନ ସଦର ଲଜ୍‌ନା ସାହେବା ସ୍ୱର୍ଗତା ଇଫ୍ଫତ୍ ହଲିମ୍ ସାହେବାଙ୍କର ହୁଜୁର ଅନ୍‌ୱର୍ ଅ.ବ କହିଲେ, ହେଲା ସ୍ୱର୍ଗତ ସ୍ୱର୍ଗତା ଡାକ୍ତର ଅବଦ୍ଧୁଲ୍ ହଲିମ୍ ସାହେବ ୱାକ୍‌ଫେ ଜିନ୍ଦିଗୀ ଇନ୍‌ଚାର୍ଜ କ୍ଲିନିକ୍ ମୁନ୍‌ରୋ ଅବା ଲାଇବେରୟାଙ୍କର ପତ୍ନି ଥିଲେ । ଆପଣ ବିଗତ ଦିନରେ ଅସୁସ୍ଥ ହୋଇଯାଇଥିଲେ । ଚିକିତ୍ସା ନିମନ୍ତେ ଆପଣ ହଲାଣ୍ଡକୁ ଆସିଥିଲେ । ଡିସେମ୍ବର ମାସ 21 ତାରିଖ ଦିନ ତାଙ୍କର 5୨ ବର୍ଷ ବୟସରେ ସ୍ୱର୍ଗତାଙ୍କର ବିୟୋଗ ହୋଇଯାଇଛି । انا لله وانا اليه راجعون । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା 1/3 ଭାଗର ଓସିୟତ୍‌କାରୀଣୀ ଥିଲେ । ତାଙ୍କ ବଂଶରେ ଅହମଦିୟତ ଆପଣଙ୍କର ପଣଦଦା ଶ୍ରୀଯୁକ୍ତ ମୁହମ୍ମଦ୍ ଅଲୀ ସାହେବଙ୍କ ମାଧ୍ୟମରେ ହୋଇଥିଲା । ପଣଦଦା ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ଜୁଲାଇ 2004 ମସିହାରେ ନିଜର ସ୍ୱାମୀଙ୍କ ସହିତ ଆପଣ ଲାଇବେରିୟା ଯାଇଥିଲେ । ଦୀର୍ଘ 21 ବର୍ଷ କାଳ ଆପଣ ଲାଇବେରିୟାରେ ଅତିବାହିତ କରିଛନ୍ତି ଓ ଇତି ମଧ୍ୟରେ ଆପଣ ସଦର୍ ଲଜ୍‌ନା ମଧ୍ୟ ରହିଥିଲେ । ଦୁଇ ତିନି ଥର ସ୍ୱର୍ଗତାଙ୍କୁ ସେବା କରିବା ସୁଯୋଗ ପ୍ରାପ୍ତ ହେଲା ଓ ମୃତ୍ୟୁ ସମୟରେ ମଧ୍ୟ ସ୍ୱର୍ଗତା ସଦର୍ ଲଜ୍‌ନା ଭାବରେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସ୍ୱର୍ଗତା ତହଜ୍ଜୁଦ ନିୟମାନୁବର୍ତ୍ତୀନୀ ଥିଲେ । ସ୍ୱର୍ଗତା ରୋଜା ରଖିବାର ବ୍ୟବସ୍ଥା କରୁଥିଲେ, ନିୟମିତ ରୂପେ ପବିତ୍ର କୁରଆନ୍ କରୀମ୍ ତିଲାୱତ୍ କରୁଥିଲେ । ଖିଲାଫତ୍ ସହିତ ଆପଣଙ୍କର ନିବିଡ଼ ସଂପର୍କ ଓ ପ୍ରେମପୂର୍ଣ୍ଣ ପରିପ୍ରକାଶ ଥିଲା, ନିଜର ଗୋଷ୍ଠୀଗତ ଦାୟିତ୍ୱକୁ ଆପଣ ଅତ୍ୟନ୍ତ ନିଷ୍ଠାର ସହିତ ସମ୍ପାଦନ କରୁଥିଲେ । ଆର୍ଥିକ ଆହ୍ୱାନଗୁଡ଼ିକରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶଗ୍ରହଣ କରୁଥିଲେ । ଆପଣ ଅତ୍ୟଧିକ ଦାନ ଧର୍ମ କୁରଥିଲେ, ଅତିଥି ସତ୍କାରକ, ମେଳାପୀ, ଉତ୍ତମ ସ୍ୱଭାବ ଓ ଉତ୍ତମ ଚରିତ୍ର ଏବଂ ଦୁଃଖୀ ମନୁଷ୍ୟମାନଙ୍କର ସେବା କରିବାର ଉତ୍ସାହ ଦ୍ୱାରା ପରିପୂର୍ଣ୍ଣ ଥିଲେ । ଆପଣ ଅତି ପୁଣ୍ୟବାନ୍ ମହିଳା ଥିଲେ । ଆପଣ କେବଳ ନିଜେ ପବିତ୍ର କୁରଆନ୍ କରୀମ୍ ଆଗ୍ରହର ସହିତ ତିଲାୱତ୍ କରୁ ନଥିଲେ ବରଂ ଆପଣ ଲଜ୍‌ନା ନିମନ୍ତେ ମଧ୍ୟ ବିଶେଷ କ୍ଲାସ୍‌ର ବ୍ୟବସ୍ଥା ମଧ୍ୟ କରୁଥିଲେ ଓ ଛୋଟ ପିଲାମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରାଉଥିଲେ । ଆପଣ କୁରଆନ୍ କରୀମ୍ ଆମିନ୍ ଅର୍ଥାତ୍ ଶେଷ ମଧ୍ୟ କରାଉଥିଲେ । ଅତିଥି ସତ୍କାରକ ଗୁଣଟି ସ୍ୱର୍ଗତାଙ୍କ ମଧ୍ୟରେ ଅନନ୍ୟ ରୂପେ ରହୁଥିଲା। ଆପଣ କେବଳ କିଛି ଦିନ ପର୍ଯ୍ୟନ୍ତ ଅତିଥିମାନଙ୍କର ଅତିଥି ସତ୍କାରକ କରୁ ନଥିଲେ ବରଂ ଅନେକ ଦିନ ପର୍ଯ୍ୟନ୍ତ ଅତିଥିମାନେ ସ୍ୱର୍ଗତାଙ୍କ ଘରେ ଅତିଥି ହୋଇ ରହୁଥିଲେ ଏବଂ ପ୍ରସନ୍ନ ହୃଦୟର ସହିତ ଆପଣ ଅତିଥି ସତ୍କାର କରୁଥିଲେ । କେବଳ ସେତିକି ନୁହେଁ ବରଂ ରମ୍‌ଜାନ୍ ମାସରେ ମଧ୍ୟ ଅଭାବି ଲୋକମାନଙ୍କୁ ନିୟମିତ ରୂପେ ସିହରୀ ଏବଂ ଇଫ୍‌ତାରୀର ବ୍ୟବସ୍ଥା କରୁଥିଲେ । ପ୍ରତ୍ୟେକ ବ୍ୟକ୍ତି ଯିଏ ଆପଣଙ୍କୁ ଚିହ୍ନିଥିଲା ସେ ଆପଣଙ୍କର ଏହିସବୁ ସୁଗୁଣାବଳୀ ବେଶ୍ ଭଲ ପାଉଥିଲା ।

ଜଣେ ହଲ୍‌କାର ଆର୍ଫା ସାହେବା ନାମକ ଜଣେ ମହିଳା ଅଛନ୍ତି । ସେ କୁହନ୍ତି ଯେ,ମୋତେ ଯେତେବେଳି ବି ସ୍ୱର୍ଗତାଙ୍କ ଘରକୁ ଯିବାର ସୁଯୋଗ ମିଳୁଥିଲା ସେ ତେବେଳେ ମୁଁ ତାଙ୍କୁ ନମାଜର ନିୟମାନୁବର୍ତ୍ତୀନୀ **(ଅବଶିଷ୍ଟାଂଶ....ପୃ-11ରେ)** ଥିବାର ଦେଖୁଥିଲି । ସ୍ୱର୍ଗତାଙ୍କ ନିୟମିତ ନମାଜ୍‌ର ଏହି ଅବସ୍ଥା ରହିଥିଲା ଯେ, କାମ

## ପୃ-10ରେ ବର୍ଣ୍ଣିତ ଖୁତବା ଜୁମା 02 ଜାନୁୟାରୀ 2026ରେ ଅବଶିଷ୍ଟାଂଶ....

କରିବା ସମୟରେ ଯଦି ନମାଜ୍‌ର ସମୟ ହୋଇଯାଏ ତେବେ ସେ କହୁଥିଲେ ଯେ, ଆଗ ନମାଜ ପାଠ କରିବା ତା' ପରେ ଯାଇ କୌଣସି କାମ ଜାରି ରଖିବା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ସେଠାକାର ମୁବଲ୍ଲିଗ୍ ସାହେବ ଫରାହ୍ ଶବ୍‌ବୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତା ଇଫ୍ଫତ୍ ହଲିମ୍ ସାହେବାଙ୍କର ବ୍ୟକ୍ତିତ୍ୱକୁ ସ୍ୱଳ୍ପ ଶବ୍ଦ ମଧ୍ୟରେ ବର୍ଣ୍ଣନା କରିବାକୁ କୁହାଯାଏ ତେବେ ଏତିକି କହିବା ଯଥେଷ୍ଟ ହେବ ଯେ, ସେ ଅହମଦିୟତ୍‌ର ପ୍ରକୃତ ଚେହେରା ଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଜିକାଲି ସେଠାକାର ଲାଇବେରିୟାନ୍ ଲୋକାନ ମୁବଲ୍ଲିଗ୍ ମୋମୋ କ୍ରୋମା (Momo Kromah) ସାହେବ ବର୍ଣ୍ଣନା କରନ୍ତି ଯେ, ମୋତେ ଅସଂଖ୍ୟ ଅବସରରେ ସ୍ୱର୍ଗତାଙ୍କ ସହିତ ସାକ୍ଷାତ୍ କରିବା ଏବଂ କଥା ବାର୍ତ୍ତା କରିବାର ଅବସର ପ୍ରାପ୍ତ ହୋଇଛି । ମୁଁ ପ୍ରତ୍ୟେକ ଥର ଏହା ଅନୁଭବ କରିଥିଲି ଯେ, ମୁଁ ଏପରି ଜଣେ ମାତାଙ୍କ ସହିତ ବାର୍ତ୍ତାଳାପ କରୁଛି ଯାହାଙ୍କ ପାଖରେ ନିଜର ସନ୍ତାନମାନଙ୍କ ନିମନ୍ତେ ପ୍ରେମର କୌଣସି ସୀମା ନଥିଲା।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ନିଜର କେଣସି ସନ୍ତାନ ନଥିଲା । ଶୋକ ସନ୍ତପ୍ତ ପରିବାରରେ ସ୍ୱାମୀ ଅଛନ୍ତି । ସ୍ୱର୍ଗତା ଦୁଇଜଣ ସନ୍ତାନ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରିଥିଲେ । ଅର୍ଥାତ୍ ନିଜ ସ୍ୱାମୀଙ୍କ ଭାଇଙ୍କର ଗୋଟିଏ କନ୍ୟାକୁ ସ୍ୱର୍ଗତା ପୋଷ୍ୟ କନ୍ୟା ସନ୍ତାନ ଭାବରେ ଗ୍ରହଣ କରିଥିଲେ ଓ ତା'ର ଲାଳନ ପାଳନ କରିଥିଲେ । ସେହି କନ୍ୟାର ବୟସ ବର୍ତ୍ତମାନ 14 ବର୍ଷ ହେବ । ଏହି କନ୍ୟା ବା ବାଳିକା ବର୍ତ୍ତମାନ ପାଠ ପଢୁଛି । କିନ୍ତୁ ସ୍ୱର୍ଗତାଙ୍କର ଏକ ଲାଇବେରିୟାନ୍ ପୁତ୍ର ମଧ୍ୟ ରହିଛି । ତାହାର ନାମ ହେଲା ଅହମଦ୍ ମସୁର୍ ସିଂଘବା (Singhbah) । ଏହି ପୁତ୍ରକୁ ମଧ୍ୟ ବାଲ୍ୟକାଳରୁ ପୋଷ୍ୟ ପୁତ୍ର ଭାବରେ ସ୍ୱର୍ଗତା ଗ୍ରହଣ କରିଥିଲେ ଏବଂ ଏହାର ଲାଳନ ପାଳନର ଦାୟିତ୍ୱ ବହନ କରିଥିଲେ । ଏହି ସନ୍ତାନକୁ ସ୍ୱର୍ଗତା ପାଠ ପଢାଇଲେ । ଏହି ପୁତ୍ର ଆଜିକାଲି ଯାମିୟା ଅହମଦିୟା ଘାନାରେ ଦର୍‌ଜା ଖାମସା (ପଞ୍ଚମ ଶ୍ରେଣୀ)ର ଛାତ୍ର ଅଟେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ ଓ ସ୍ୱର୍ଗତାଙ୍କର ଦୁଆ (ପ୍ରାର୍ଥନାକୁ) ସ୍ୱର୍ଗତାଙ୍କ ସନ୍ତାନ ସପକ୍ଷରେ ସ୍ୱୀକାର କରନ୍ତୁଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର ଅ.ବ କହିଲେ, ତୃତୀୟ ଯନାଜାଃ ହେଲା ମିସର୍‌ର ଶୀଯୁକ୍ତ ସ୍ୱର୍ଗତ ଅବ୍‌ଦୁଲ୍ ଅଲିମ୍ ଅଲ୍ ବର୍‌ବରି ସାହେବଙ୍କର । ବିଗତ ଦିନରେ ତାଙ୍କର 64 ବର୍ଷ ବୟସରେ ବିୟୋଗ ହୋଇଯାଇଛି । اناللهواناالیہراجعون । ସ୍ୱର୍ଗତ ପୁଣ୍ୟବାନ, ନିଷ୍ପାପର ଏବଂ ପ୍ରାଣୋତ୍ସର୍ଗୀ ଅହମଦି ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତଙ୍କର ପତ୍ନି ଏବଂ କନ୍ୟା ଅହମଦି ଅଟନ୍ତି । ପତ୍ନି ଉଲ୍ଲେଖ କରନ୍ତି ଯେ, ମୋ ସ୍ୱାମୀ ଅଲ୍ଲାଃତାଲାଙ୍କୁ ଏତେ ଭଲ ପାଉଥିଲେ ଯେ, ଏପରି ପ୍ରତୀୟମାନ ହେଉଥିଲା ଯେ, ଆପଣ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରିବା ସକାଶେ ଜନ୍ମ ନେଇଛନ୍ତି । ସେ ଉତ୍ତମ ସଚ୍ଚରିତ୍ର ବ୍ୟକ୍ତି ଥିଲେ । କେବେ ବି କାହାରିକୁ ଖରାପ୍ ଭାଷା କି ଖରାପ୍ କଥା କହି ନାହାନ୍ତି । ଆମର 41 ବର୍ଷର ଦାମ୍ପତ୍ୟ ଜୀବନରେ ଆପଣ ମୋତେ କେବେ ବି ଦୁଃଖ କଷ୍ଟ ଦେଇ ନାହାନ୍ତି । ବରଂ ମୋ ସ୍ୱାମୀ ଜଣେ ସର୍ବୋତ୍ତମ ଏବଂ ପୁଣ୍ୟବାନ ସ୍ୱାମୀ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ସୁପୁତ୍ରୀ 2008 ମସିହାରେ ଏମ.ଟି.ଏ ଅଲ୍ ଅରବିୟା ଦେଖିବା ପରେ ବୈଅତ୍ କରିଥିଲା । କେବଳ ସେତିକି ନୁହେଁ ବରଂ ସ୍ୱୟଂ ଅବ୍‌ଦୁଲ୍ ଅଲିମ୍ ସାହେବ ଏବଂ ତାଙ୍କର ସୁପୁତ୍ର 2008 ମସିହାରେ ଏମ.ଟି.ଏ ଅଲ୍ ଅରବିୟା ଦେଖି ବୈଅତ୍ କରିଥିଲେ । ସ୍ୱର୍ଗତଙ୍କର ପତ୍ନି ମହୋଦୟା ଉଲ୍ଲେଖ କରନ୍ତି ଯେ, ଅହମଦିୟତ୍ ଗ୍ରହଣ କରିବା ଯୋଗୁଁ ମୁଁ ସ୍ୱାମୀଙ୍କ ଘୋର ବିରୋଧ କଲି ଏବଂ ବିରୋଧରେ ନିଜର ପରିବାରର ସଦସ୍ୟଙ୍କୁ ମଧ୍ୟ ଡକାଇ ତାଙ୍କର ବିରୋଧ କରାଇଲି। କିନ୍ତୁ ପିତା ଓ ପୁତ୍ରୀ ଦୁହେଁ ଧୈର୍ଯ୍ୟ ପ୍ରଦର୍ଶନ କରୁଥିଲେ । ଦିନେ ମୋ ସ୍ୱାମୀ ନମାଜ୍ ପାଠ କରି ଉଚ୍ଚ ସ୍ୱରରରେ ଦୁଆ କରୁଥିଲେ । ମୁଁ ଯେତେବେଳେ ତାଙ୍କୁ ବାରମ୍ବାର ଏହି ସ୍ୱର ଅର୍ଥାତ୍ ଦୁଆ କରୁଥିବା ଶୁଣିଲି ଯେ, ହେ ଈଶ୍ୱର ! ତୁମ୍ଭେ ମୋ ପତ୍ନିକୁ ସତ୍‌ମାର୍ଗ ପ୍ରଦାନ କର ଅନ୍ୟଥା ମୋ ପତ୍ନିକୁ ମୋ ଠାରୁ ଦୂରକୁ ନେଇଯାଅ । ମୁଁ ଏହି ଦୁଆ ଯୋଗୁଁ ବହୁତ ପ୍ରଭାବିତ ହେଲି । କିନ୍ତୁ ତାଙ୍କୁ କିଛି କହିଲି ନାହିଁ ଓ ମଁ ମଧ୍ୟ ଦୁଆ କରୁଥିଲି । ପରିଶେଷରେ ଗୋଟିଏ ମାସ ପରେ ଅଲ୍ଲାଃତାଲାଙ୍କ କୃପାରୁ ମୋ ହୃଦୟ ଉନ୍ମୁକ୍ତ ହେଲା ଏବଂ ମୋତେ ବୈଅତ୍ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁମାନେ ଏହା କୁହନ୍ତି ଯେ, ଆମମାନଙ୍କୁ ସତ୍‌ମାର୍ଗ (ମାର୍ଗଦର୍ଶନ) ପ୍ରାପ୍ତ ହେଉ ନାହିଁ । ତେବେ ସେମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, ଯେଉଁ ଲୋକମାନେ ସତ୍‌ଉଦ୍ଦେଶ୍ୟର ସହିତ ମାର୍ଗଦର୍ଶନ ପ୍ରାପ୍ତ କରିବାକୁ ଚାହାନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କର ମାର୍ଗଦର୍ଶନ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୈଅତ୍ କରିବା ପରେ ସ୍ୱର୍ଗତଙ୍କ ଭାଇମାନେ ସ୍ୱର୍ଗତଙ୍କର ଘୋର ବିରୋଧ କଲେ । କିନ୍ତୁ ସ୍ୱର୍ଗତ ମହୋଦୟ ଅଚିବଳତା ପ୍ରଦର୍ଶନ କଲେ । ସ୍ୱର୍ଗତଙ୍କର ଭାଇ ଜଣେ ବିଖ୍ୟାତ ମୌଲବୀଙ୍କୁ ଡକାଇଲେ । କାରଣ ସେହି ମୌଲବୀ ସ୍ୱର୍ଗତଙ୍କୁ ଅହମଦିୟତ୍‌ରୁ ପୃଥକ୍ କରୁ । କିନ୍ତୁ ସେହି ମୌଲବୀ ତହିଁରେ ଅସଫଳ ରହିଲା । କାରଣ ତାଙ୍କର ପତ୍ନି ଉଲ୍ଲେଖ କରନ୍ତି ଯେ, ମୋ ସ୍ୱାମୀ ସେହି ମୌଲବୀକୁ ନିଜସ୍ୱ ଢଙ୍ଗରେ ହିଁ ଉତ୍ତେର ଦେଲେ । ଅର୍ଥାତ୍ ସେ ଏହି ଉତ୍ତର ଦେଲେ ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ମୋ ନିମନ୍ତେ ଏପରି ସ୍ପଷ୍ଟ, ଏପରି ମୋ ମନରେ ଆସନ୍ନିତ ହୋଇ ସାରିଛି ଯେ ମୁଁ ବିଶ୍ୱାସରୁ ଓହରି ପାରିବି ନାହିଁ। କାରଣ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମକରେ ହିଁ ମୋତେ ଅଲ୍ଲାଃତାଲାଙ୍କ ପ୍ରକୃତ ଅଧ୍ୟାତ୍ମ ପରିଚୟ ପ୍ରାପ୍ତ ହୋଇଛି । ତେଣୁ ଏହି ଅଧ୍ୟାତ୍ମ ପରିଚୟକୁ ମୁଁ କୌଣସି ମୂଲ୍ୟରେ (କୌଣସି ମତେ) ବି ହାତ ଛଡ଼ା କରିପାରିବି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ପ୍ରେମର ଏହି ପରିପ୍ରକାଶ ଦେଖନ୍ତୁ ଯେ, ଆପଣ ଅ.ସ କିପରି ଲୋକମାନଙ୍କ ମନରେ ଅଲ୍ଲାଃତାଲାଙ୍କର ସେହି ପ୍ରେମ କୁ ମଧ୍ୟ ସୃଷ୍ଟି ଓ ଆସନ୍ନିତ ରିଛନ୍ତି । ଲୋକମାନେ ଉପାସନା କରିବା ନିମନ୍ତେ ନାନା ଉଦ୍ୟମ ଓ ପିରଶ୍ରମ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ପତ୍ନି କୁହନ୍ତି: "ମୋ ସ୍ୱାମୀ ଅତ୍ୟଧିକ ପରିଶ୍ରମ ଏବଂ ଉପାସନା କରୁଥିଲେ । ସେ ଦୀର୍ଘ 11 ବର୍ଷ କାଳ କଷ୍ଟ ସହ୍ୟ କଲେ। କିନ୍ତୁ ସର୍ବଦା ଧୈର୍ଯ୍ୟଶୀଳ ଏବଂ ଈଶ୍ୱରଙ୍କ ପ୍ରସନ୍ନତା ଉପରେ ପ୍ରସନ୍ନ ଥିଲେ । ସେ ସର୍ବଦା ଏହା କହୁଥିଲେ ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଛି ଅଲ୍ଲାଃତାଲା ମଧ୍ୟ ସେହି ବ୍ୟକ୍ତିକୁ ସାକ୍ଷାତ୍ କରିବାକୁ ପସନ୍ଦ କରିଥାଆନ୍ତି । ମୃତ୍ୟୁର ଶେଷ ଦିନମାନଙ୍କରେ ମଧ୍ୟ ଅଲ୍ଲାଃ ଅଲ୍ଲାଃର ଶବ୍ଦ ତାଙ୍କ ତୁଣ୍ଡରୁ ବାହାରୁଥିଲା ।"

ହୁଜୁର ଅନ୍‌ୱର ଅ.ବ କହିଲେ, ମିସର୍‌ର ସଦର୍ ଜମାଅତ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ସ୍ୱର୍ଗତଙ୍କ ମଧ୍ୟରେ ସର୍ବଦା ଜମାଅତ୍, ଖିଲାଫତ୍‌ର ଏକ ସହସା ପରିପ୍ରକାଶ ଅବଲୋକନ କରିଛି । କେତେକ ଲୋକମାନେ ସ୍ୱର୍ଗତଙ୍କୁ ଉପଦ୍ରବରେ ପକାଇବାକୁ ଚେଷ୍ଟା କଲେ । କିନ୍ତୁ ସେ ନିଜର ବୈଅତ୍ ଉପରେ ଦୃଢ ଭାବରେ ବିଶ୍ୱସ୍ତତାର ସହିତ ଅବିଚଳ ରହିଲେ । ଗ୍ରାମର ଶତାଧିକ ଅଣଅହମଦି ଲୋକମାନେ ଅମହିଦମାନଙ୍କ ସହିତ ନମାଜ୍ ଯନାଜାଃ ପାଠ କଲେ । ତାଙ୍କର ପୁତ୍ର ଅଣଅହମଦି ଅଟେ । କିନ୍ତୁ ସ୍ୱର୍ଗତ ନିଜ ପୁତ୍ରକୁ ଉପଦେଶ ଦେଇ ଯାଇଥିଲେ ଯେ, ତାଙ୍କର ଯନାଜାଃ ଅହମଦିମାନେ ପାଠ କରାଇବେ । ସୁତରାଂ ସଦର୍ ସାହେବ ଅଣଅହମଦିମାନଙ୍କ ମସ୍‌ଜିଦ୍‌କୁ ଯାଇ ସେଠାରେ ନମାଜ୍ ଯନାଜାଃ ପାଠ କରାଇଲେ ଏବଂ ଅଣଅହମଦିମାନେ ମଧ୍ୟ ଉକ୍ତ ଯନାଜାଃରେ ସାମିଲ୍ ହୋଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ କହିଲି କି ସ୍ୱର୍ଗତଙ୍କର ପୁତ୍ର ଅହମଦି ନୁହେଁ । କିନ୍ତୁ ସେ ଉତ୍ତମ ଚରିତ୍ରର ଅଧିକାରୀ ଅଟେ ଏବଂ ଜମାଅତ୍ ସଂପର୍କରେ ସେ ଗବେଷଣା କରୁଛି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ,ତାହିର୍ ନଦିମ୍ ସାହେବ ମଧ୍ୟ ସ୍ୱର୍ଗତଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, କିଛି ବର୍ଷ ତଳେ ମୁଁ ମିସର୍ ଯାଇଥିଲି । ସେଠାରେ ତାଙ୍କ ସହିତ ମୋର ଭେଟ ହୋଇଥିଲା । ସେଠାରେ ସ୍ୱର୍ଗତ ମହୋଦୟ ମୋତେ ନିଜ ବୈଅତ୍‌ର ଏକ ଘଟଣା ଶୁଣାଇଲେ । ସ୍ୱର୍ଗତ ମହୋଦୟ କୁହନ୍ତି ଯେ, ମୋର ବିଶ୍ୱାସ ପୁଣ୍ୟଶ୍ଳୋକ ମସିହ୍ ମଉଦ୍ ଅ.ସଙ୍କ ଉପରେ ପ୍ରାରମ୍ଭରୁ ହିଁ ଦୃଢ ରହିଛି । କିନ୍ତୁ ଅଲ୍ଲାଃତାଲା ମୋର ଦୁଆକୁ ସ୍ୱୀକାର କରି ମୋର ପତ୍ନିଙ୍କ ବୈଅତ୍ ମାଧ୍ୟମରେ ମୋର ବିଶ୍ୱାସକୁ ଅତିରିକ୍ତ ଦୃଢୀଭୂତ କରିଦେଲେ । କାରଣ କେହି ଭାବି ପାରିବ ନାହିଁ ଯେ, ସେହି ପତ୍ନି ଯିଏ ମୋର ଘୋର ବିରୋଧୀ ହୋଇଯାଇଥିଲା ବର୍ତ୍ତମାନେ ସେହି ପତ୍ନି ମୋ ସହିତ ଜମାଅତର ପ୍ରତ୍ୟେକ ଜଲ୍‌ସାରେ ଯାଉଛନ୍ତି ଏବଂ ନିଜର ପ୍ରସନ୍ନ ହୃଦୟର ସହିତ ଜମାଅତର କାର୍ଯ୍ୟ କରିଥାଆନ୍ତି । ସେ **(ଅବଶିଷ୍ଟାଂଶ....ପୃ-12ରେ)**

ସେଠାକାର ଲଜ୍‌ନାର ଯେଉଁ କାମ ରହିଛି ଯଥା- ସଫେଇ (ସ୍ୱଚ୍ଛତା), ଖାଦ୍ୟ ରାନ୍ଧିବା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 19-26 February 2026 Issue No. 8-9

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 02-1-26ରେ ଅବଶିଷ୍ଟାଂଶ....

ଇତ୍ୟାଦି କାମ କରୁଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** ।

ଅଲ୍ଲାଃତାଲା ସ୍ୱର୍ଗତ ପୁତ୍ର, ପୁତ୍ରୀ ଓ ପତ୍ନିଙ୍କୁ ନିଷ୍ଠା ଓ ବିଶ୍ୱସ୍ତତାରେ ଅଭବୃଦ୍ଧି ପ୍ରଦାନ କରନ୍ତୁ । **ଆମିନ୍ । (ଅଲ୍ ଫଜଲ୍ ଇଣ୍ଟରନେସ୍‌ନାଲ୍, 2026 ମସିହା ଜାନୁୟାରୀ ମାସ 23 ତାରିଖ, ପୃ-1-8)**

☆--☆--☆

## ଆର୍ଥିକ ବଳିଦାନ ଏକ ସଂକ୍ଷିପ୍ତ ପରିଚୟ ...

ଅଲ୍ଲାଃତାଲା ଯେତେବେଳେ କୌଣସି ଐଶୀ ସଂପ୍ରଦାୟର ଭିତ୍ତି ସ୍ଥାପନ କରନ୍ତି ସେତେବେଳେ ସେ ସେହି ସଂପ୍ରଦାୟର ଅନୁଗାମୀମାନଙ୍କର ବିଶ୍ୱାସକୁ ଦୃଢୀଭୂତ କରିବା ନିମନ୍ତେ ସେମାନଙ୍କ ଠାରୁ ବଳିଦାନର ଆଶା କରିଥାଆନ୍ତି । ତେଣୁ ଅଲ୍ଲାଃତାଲାଙ୍କର ପ୍ରସନ୍ନତା, ତାହାଙ୍କ ସଦିଚ୍ଛା ଓ ସାନ୍ନିଧ୍ୟତାକୁ ପ୍ରାପ୍ତ କରିବା ନିମନ୍ତେ ବଳିଦାନ ଏକାନ୍ତ ଅପରିହାର୍ଯ୍ୟ ସର୍ତ୍ତ ରହିଛି । ଏହି ବଳିଦାନ କ'ଣ ଅଟେ ? ଏହି ବଳିଦାନ ନିଜ ନିଜ ସମୟରେ ଏବଂ ଯୁଗର ଅବସ୍ଥା ଉପରେ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ଆଁହଜରତ ସ.ଅଙ୍କ କାଳରେ ଅର୍ଥର ବଳିଦାନ ମଧ୍ୟ ରହିଥିଲା । କିନ୍ତୁ ପ୍ରାଣର ବଳିଦାନ ଅଧିକ ଗୁରୁତ୍ୱପୂର୍ଣ୍ଣର ଅଧିକାରୀ ଥିଲା । କାରଣ ଅବିଶ୍ୱାସକାରୀମାନଙ୍କ ପକ୍ଷରୁ ମୁସଲମାନମାନଙ୍କ ଉପରେ ଅନ୍ୟାୟ ଓ ଅତ୍ୟାଚାରର ଏକ ପରମ୍ପରା ଅବ୍ୟାହତ ଥିଲା । ସେହି ଅତ୍ୟାଚାର ଯୋଗୁଁ ମୁସଲମାନମାନଙ୍କୁ ଯୁଦ୍ଧ ଭୂମିକୁ ଟଣାଗଲା । ଅର୍ଥାତ୍ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କୁ ଯୁଦ୍ଧ କରିବା ନିମନ୍ତେ ପ୍ରବର୍ତ୍ତାଇଲେ ।

କିନ୍ତୁ ଇସ୍‌ଲାମ୍ ଧର୍ମର ଦ୍ୱିତୀୟ ଯୁଗରେ ମସିହେ ମୁହମ୍ମଦି ଅର୍ଥାତ୍ ମୁହମ୍ମଦ୍ ସ.ଅଙ୍କ ପ୍ରତିଶ୍ରୁତ ମସିହ୍‌ଙ୍କ ଯୁଗ ନିମନ୍ତେ ଆଁହଜରତ୍ ସ.ଅ "**ୟଜଉଲ୍ ହର୍ବ**" ଡାକ ଦେଇ ପୁରାତନ ଯୁଗ ପରି ଯୁଦ୍ଧ ଏବଂ ଖଡ଼୍‌ଗକୁ ସ୍ଥଗିତ କରିଦେଲେ । ମସିହେ ମୁହମ୍ମଦିଙ୍କ କର୍ତ୍ତବ୍ୟ ମଧ୍ୟରେ କଲମର ଜିହାଦ୍‌କୁ ସାମିଲ୍ କରି ଅର୍ଥର ବଳିଦାନକୁ ଜାରି ରଖିଲେ । କାରଣ କଲମର ଜିହାଦ୍ ନିମନ୍ତେ ଅର୍ଥ ହେବା ବିଧେୟ ଅଟେ । ଅତଏବ୍ ଆପଣ ଅ. କୁହନ୍ତି:

کیسا یہ زمانہ برکت کا ہے۔ کہ کسی سے جانیں نہیں مانگی جاتیں۔ اور یہ زمانہ جانوں کے دینے کا زمانہ نہیں بلکہ مالوں کے بشرطِ استطاعت خرچ کرنے کا ہے۔

ଅର୍ଥାତ୍ ସାଂପ୍ରତିକ ଯୁଗଟି କିପରିକା ଯୁଗ ଯେ, ସାଂପ୍ରତିକ ଯୁଗରେ କାହା ଠାରୁ ପ୍ରାଣର ବଳିଦାନ ଦେବା ସଂପର୍କରେ କୁହାଯାଉ ନାହିଁ ଓ ନା ହିଁ ସାଂପ୍ରତିକ ଯୁଗ ପ୍ରାଣର ବଳିଦାନର ଯୁଗ ଅଟେ ? ବରଂ ସାଂପ୍ରତିକ ଯୁଗଟି ହେଉଛି ଅର୍ଥ ତ୍ୟାଗ ଓ ଆର୍ଥିକ ବଳିଦାନର ଯୁଗ । ଏହି ଯୁଗରେ ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟତା ଅନୁଯାୟୀ ଆର୍ଥିକ ବଳିଦାନ ଦେବା ଉଚିତ୍ ।

ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ଆର୍ଥିକ ବଳିଦାନର ମହତ୍ତ୍ୱ ଏହିପରି ଯେ, ଏହି ଆର୍ଥିକ ବଳିଦାନ ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: "ଏବଂ ଅଲ୍ଲାଃଙ୍କ ପଥରେ ଧନ ଓ ଜୀବନ ବ୍ୟୟ କର ଏବଂ ସ୍ୱହସ୍ତରେ ନିଜେ ନିଜକୁ ବିନାଶ କର ନାହିଁ ଏବଂ ହିତ ସାଧନ କର । ବାସ୍ତବରେ ଅଲ୍ଲାଃତାଲା ହିତାଧିକାରୀମାନଙ୍କୁ ପ୍ରେମ କରନ୍ତି ।" **(ଅଲ୍ ବକ୍‌ରାହ୍:196)**

ସେହିପରି ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି: "କ'ଣ ଏପରି କେହି ଅଛି ଯିଏ ଅଲ୍ଲାଃଙ୍କୁ ନିଜ ଧନର ଏକ ଉତ୍ତମ ଅଂଶ କାଟି ଋଣ ଦେଇ ପାରିବ ? ଯାହାକୁ ଅଲ୍ଲାଃ ତା' ପାଇଁ ବହୁ ଗୁଣିତ କରି ବୃଦ୍ଧି କରାଇବେ ଏବଂ ଅଲ୍ଲାଃଙ୍କର ଏହା ମଧ୍ୟ ପରମ୍ପରା ରହିଛି ଯେ, ସେ ଲୋକମାନଙ୍କ ଧନକୁ ଗ୍ରହଣ କରନ୍ତି ଓ ତାହାକୁ ବୃଦ୍ଧି କରାନ୍ତି ଏବଂ ପରିଶେଷରେ ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରାଇ ନିଆଯିବ ।"**(ଅଲ୍ ବକ୍‌ରାହ୍:246)**

ସେହିପରି ଅଲ୍ଲାଃତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି ଯେ, "ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ବସ୍ତୁମାନଙ୍କ (ଧନ) ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସଂପୂର୍ଣ୍ଣ ପୁଣ୍ୟ ଲାଭ କରି ପାରିବ ନାହିଁ ଏବଂ ତୁମେମାନେ ଯାହାକିଛି ବ୍ୟୟକର ଅଲ୍ଲାଃତାଲା ତାହାକୁ ଭଲ ଭାବରେ ଜାଣନ୍ତି ।"
**(ଆଲେ ଇମ୍ରାନ୍-93)**

ସେହିପରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଆଉ ଏକ ସ୍ଥାନରେ କୁହନ୍ତି: "ଯେଉଁମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟର ନିଜର ପ୍ରିୟ ଧନକୁ ବ୍ୟୟ କରନ୍ତି ସେମାନଙ୍କ ଏହି କାର୍ଯ୍ୟରେ ଉପମା ସେହି ଶସ୍ୟର **(ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ)"**

## ପୃ-୨ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଆକୁଳ ନିବେଦନ କି ସେମାନେ ଜାତୀୟ ଏକତାର ପ୍ରମାଣ ଦେଇ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଏହି ପବିତ୍ର ଉପହାର ଖବର କାଗଜ 'ବଦର୍' ଆକାରରେ (ରୂପେ) ପ୍ରତ୍ୟେକ ସପ୍ତାହ ଆପଣମାନଙ୍କୁ ପ୍ରାପ୍ତ ହେଉଅଛି । ତେଣୁ ଆପଣମାନଙ୍କୁ ସବିନୟ ଅନୁରୋଧ କି ଆପଣମାନେ ଉକ୍ତ ଖବରକାଗଜକୁ ଅଧିକ ସଂଖ୍ୟାରେ କ୍ରୟ କରି ଏହାର କ୍ରେତା ହେବା ନିମନ୍ତେ ଉଦ୍ୟମ କରନ୍ତୁ । ଏପରି କୌଣସି ଘର ବାକି ନଥିବ ଯେଉଁ ଘରେ ଖବର କାଗଜ ବଦରର କ୍ରେତା (କ୍ରୟକାରୀ) ଲୋକେ ନଥିବେ । ପ୍ରତ୍ୟେକ ଭାଷାରେ ଏହାର କ୍ରେତାମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଯେଉଁ ଲୋକମାନଙ୍କୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରିଛନ୍ତି ସେମାନେ ଉକ୍ତ ଖବର କାଗଜ ନିମନ୍ତେ ଆର୍ଥିକ ସାହାଯ୍ୟ କରିବା ପ୍ରତି ପାଦ ଆଗକୁ ବଢାନ୍ତୁ । କାରଣ ହ. ମସ୍ଲେହ୍ ମଉଦ୍ ର.ଅ ଏବଂ ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଇଚ୍ଛାର ପ୍ରକାଶରେ ଉକ୍ତ ଖବର କାଗଜର ପରିସୀମା ଦେଶର ଦୂର ଦୂରାନ୍ତରେ ପରିବ୍ୟାପ୍ତ ହୋଇଯାଉ ଏବଂ ଜମାଅତ୍ ଅହମଦିୟା ଭାରତର ଏହା ଏକମାତ୍ର ଅଙ୍ଗ ଯାହା ଆମମାନଙ୍କର ଜାତୀୟ ଗୌରବ ଏବଂ ଜମାଅତ୍‌ର ସମ୍ମାନକୁ ଦର୍ପଣରେ ପ୍ରଦର୍ଶନକାରୀ ଖବର କାଗଜ ଅଟେ । ଉକ୍ତ ଖବର କାଗଜ ନିଜ ଗୋଡ଼ରେ ଛିଡ଼ା ହୋଇ ପ୍ରତ୍ୟେକ ପାର୍ଶ୍ୱରେ ନିଜର ଛାୟାକୁ ସଂପ୍ରସାରିତ କରିଦେଉ ଏବଂ ଏହାର ଆଧ୍ୟାତ୍ମିକ ଫଳରୁ ସମସ୍ତ ଭାରତବାସୀମାନେ ଉପକୃତ ହେଉ ଥାଆନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ☆--☆--☆

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللهِ وَ بِحَمْدِهٖ سُبْحَانَ اللهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّآلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର । ☆--☆--☆

اَسْتَغْفِرُ اللهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) । ☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللهُ بِكَافٍ عَبْدَهٗ

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲଃାତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan